ଧରିତ୍ରୀ
DHARITRI

September 21-27, 2025 ₹ 2/-

ଧରିତ୍ରୀ DHARITRI 51 Years

ଛୁଟିଦିନ



# ଭାଇଚାରାରେ ପୂଜା

ଏମାନେ ଭାଇଚାରାରେ ବିଶ୍ୱାସ କରନ୍ତି । ଏମାନଙ୍କ ପାଇଁ ସବୁଠୁ ବଡ଼ ହେଉଛି ପରସ୍ପର ପ୍ରତି ଭଲ ପାଇବା ସହ ପରସ୍ପରକୁ ସମ୍ମାନ ଦେବା । ସେଥିପାଇଁ ମୁସଲମାନ ହେଲେ ବି ମା'ଙ୍କ ପୂଜାରେ ଏମାନେ ବିଶେଷ ଭୂମିକା ନିର୍ବାହ କରିଥାନ୍ତି...

୩
ପ୍ରଚ୍ଛଦ ପ୍ରସଙ୍ଗ



# ପ୍ରାଣୀଙ୍କୁ ଖାଦ୍ୟ ଦେବାରେ ବି ମିଳେ ସୁଫଳ

**ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ପ୍ରତ୍ୟେକ ଗ୍ରହର ସମ୍ବନ୍ଧ କୌଣସି ନା କୌଣସି ପ୍ରାଣୀଙ୍କ ସହିତ ରହିଥାଏ। ଫଳରେ ସେହି ପ୍ରାଣୀମାନଙ୍କର ସେବା କଲେ, ସେମାନଙ୍କୁ ଖାଇବାକୁ ଦେଲେ ଅନେକ ସୁଫଳ ମିଳେ। ଯେମିତି କି:**



✲ ରାହୁ ଦୋଷ ଥିଲେ ମାନସିକ ଚାପ, ସନ୍ଦେହ ବୃଦ୍ଧି ସହ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱ ଉପୁଜିଥାଏ। ଏଥିରୁ ମୁକ୍ତି ପାଇବାକୁ କୁକୁରଙ୍କ ଯତ୍ନ ନେବା ସହ ସେମାନଙ୍କୁ ଖାଇବାକୁ ଦେଲେ ଉପକାର ମିଳିଥାଏ ବୋଲି ବିଶ୍ୱାସ ରହିଛି।

✲ କେତୁ ଦୋଷରୁ ରକ୍ଷା ପାଇବାକୁ ବିଲେଇଙ୍କର ଯତ୍ନ ନେବା ଶୁଭ ହୋଇଥାଏ।

✲ କାର୍ଯ୍ୟରେ ବାରମ୍ବାର ବାଧା ଉପୁଜିବା, ସ୍ୱାସ୍ଥ୍ୟ ସମସ୍ୟା, ଆର୍ଥିକ ସମସ୍ୟା ହେଉଥିଲେ ଶନି ଦୋଷ ଥାଏ ବୋଲି ବିଶ୍ୱାସ କରାଯାଏ। ଏଥିପାଇଁ ନିୟମିତ କାଉଙ୍କୁ ରୁଟି, ଚାଉଳ ଖାଇବାକୁ ଦେବା ଉତ୍ତମ ହୋଇଥାଏ।

✲ ବୃହସ୍ପତି ଦୋଷ ଥିଲେ ମାନସମ୍ମାନ, ପ୍ରତିଷ୍ଠା, ଧନ, ଜ୍ଞାନ ଆଦି କ୍ଷୁଣ୍ଣ ହୋଇଥାଏ। ଏଥିପାଇଁ ମାଛଙ୍କୁ ଦାନା ଅବା ଅଟାର ଛୋଟ ଛୋଟ ଗୁଳା କରି ଖାଇବାକୁ ଦେବା ଶୁଭ ହୋଇଥାଏ।

✲ ଉପସ୍ଥିତ ବୁଦ୍ଧି ଓ ବାକ୍ ସଂଯମତାର ଅଭାବ, ବ୍ୟବସାୟରେ କ୍ଷତି, ସମ୍ପର୍କ ହାନି ଆଦି ବୁଧ ଗ୍ରହର ଖରାପ ଚଳନ ଯୋଗୁ ଉପୁଜିଥାଏ। ଏଥିରୁ ମୁକ୍ତି ପାଇଁ ପକ୍ଷୀମାନଙ୍କ ସକାଶେ ଖାଦ୍ୟ-ପାନୀୟର ବ୍ୟବସ୍ଥା କରିବା ଏକ ବିକଳ୍ପ ହୋଇଥାଏ।

✲ ସୂର୍ଯ୍ୟଙ୍କଠାରୁ ଶନିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଶୁଭ ଦୃଷ୍ଟି ପାଇଁ ଗୋମାତାଙ୍କର ସେବା କରିବା ଏକ ଉତ୍ତମ ଲକ୍ଷଣ ହୋଇଥାଏ।

✲ ମଙ୍ଗଳ ଦୋଷ କଟାଇବା ପାଇଁ ପିମ୍ପୁଡିଙ୍କୁ ଅଟା ହେଉ ଅବା ମିଠା ଜାତୀୟ ଖାଦ୍ୟ ଖାଇବାକୁ ଦେବା ଶୁଭ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ସେପ୍ଟେମ୍ବର ୨୧-୨୭, ୨୦୨୫**

**ମେଷ**
ଆର୍ଥିକ ସାହାଯ୍ୟ ପାଇବେ, ଇତର ଲୋକଙ୍କ ପ୍ରାଦୁର୍ଭାବ, ସନ୍ତାନ ହେତୁକ ପୀଡା, ଗୁରୁଜନଙ୍କ ଅସହଯୋଗ, ରାଜନୀତିରେ ସମସ୍ୟା, ପ୍ରତିବେଶୀ ସହ ଯୁକ୍ତିତର୍କ, ବନ୍ଧୁଙ୍କ ଅଭିମାନ, ଆୟ ଦିଗଟି ଅନୁକୂଳ, ଅନିଚ୍ଛାକୃତ ବଦଳି, ମାନସିକ ଅସ୍ଥିରତା ॥

**ବୃଷ**
ନୂତନ କର୍ମ ସମ୍ପାଦନର ପ୍ରଚେଷ୍ଟା, ଜନସମାଜରେ ପ୍ରତିଷ୍ଠା ଲାଭ, ମାଙ୍ଗଳିକ କର୍ମର ଯୋଜନା, ଶାନ୍ତିପ୍ରଦ ପରିବେଶ, ଖଳ ଲୋକଙ୍କ ସମାଲୋଚନା, ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନୀ, ଯାନବାହନରେ ତ୍ରୁଟି, ଯାତ୍ରା ସ୍ଥଗିତ ରହିପାରେ ॥

**ମିଥୁନ**
ଆନୁଷ୍ଠାନିକ ସମ୍ମାନ ପ୍ରାପ୍ତି, କର୍ମକ୍ଷେତ୍ରରେ ଅନୁକୂଳ ବାତାବରଣ, ନୂତନ ଗୃହ କ୍ରୟବିକ୍ରୟ,ପ୍ଲଟିଙ୍ଗ ବ୍ୟବସାୟରେ ବିତର୍କ, ଜନସମ୍ପର୍କ ବଢିବ, କଳ୍ପନା ସାକାର ହୋଇପାରେ, ନୂତନ ସମ୍ପର୍କ ସ୍ଥାପିତ ହେବ, ରୋଜଗାର ଆଖିଦୃଶିଆ ହେବ, ବ୍ୟବସାୟର ସମ୍ପ୍ରସାରଣ ॥

**କର୍କଟ**
କର୍ମହାନୀରୁ ଦୁଃଶ୍ଚିନ୍ତା, ବନ୍ଧୁଙ୍କ କାର୍ଯ୍ୟରେ ସନ୍ଦେହ, ମାନସିକ ଅବସାଦ ବୃଦ୍ଧି, ଉଚ୍ଚଶିକ୍ଷାର ସୁଯୋଗ ପ୍ରାପ୍ତି, ବାଣିଜ୍ୟ ବ୍ୟବସାୟରେ ଉନ୍ନତି, ଏଜେନ୍ସିପ୍ ବୃଦ୍ଧି ପାଇବ, ପ୍ରତିଯୋଗିତାରେ ସଫଳତା, ପ୍ରତିରୋଧ ସହ ଲଢେଇ ॥

**ସିଂହ**
ଶାରିରୀକ ସୁସ୍ଥତା, ସାଂଗଠନିକ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ଆର୍ଥିକ ସାହାଯ୍ୟ, ପିଲାଙ୍କ କୃତିତ୍ୱରୁ ଗୌରବାନ୍ୱିତ, ଯାନବାହନ କ୍ରୟବିକ୍ରୟ, ଆଇନ ସହାୟତା ପ୍ରାପ୍ତି, କୁଟନୀତିରେ କାର୍ଯ୍ୟସାଧନ, ମାନସିକ ଅସ୍ଥିରତା, ଭ୍ରମଣହେତୁକ ସ୍ୱାସ୍ଥ୍ୟହାନୀ ॥

**କନ୍ୟା**
ବନ୍ଧୁଙ୍କ କାର୍ଯ୍ୟରେ ସହଯୋଗ, ଅନିଚ୍ଛାକୃତ କାମରୁ ଅଶାନ୍ତି, ମକଦ୍ଦମାରେ ଜଡିତ ହୋଇପାରନ୍ତି, ପ୍ରତିଯୋଗୀତାରେ ଅଂଶଗ୍ରହଣ, ଭାଇ ଭଉଣୀଙ୍କ ବିତର୍କ, କର୍ମକ୍ଷେତ୍ରରେ ଅଶାନ୍ତ ବାତାବରଣ, ପଦୋନ୍ନତିର ମାର୍ଗରୋଧ, ପ୍ରଶାସନିକ ଚାପରେ ଅତିଷ୍ଠ ॥

**ତୁଳା**
ସାମାଜିକ ସ୍ତରରେ ପ୍ରତିଷ୍ଠାର୍ଜନ, ନୂତନ ଗୃହର ନିର୍ମାଣ ଆରମ୍ଭ, ବ୍ୟାଙ୍କ ଲୋନ୍ କରିପାରନ୍ତି, ପରିବହନରେ ଝଗଡା, ପ୍ରଶାସନିକ ତତ୍ପରତା ବୃଦ୍ଧି, ବନ୍ଧୁଙ୍କ ଆନ୍ତରିକତା, ପାରିବାରିକ ସୁଖ ସୁବିଧା, ମନୋରଞ୍ଜନର ସୁଯୋଗ, ସହକର୍ମୀଙ୍କ ଭୁଲ୍ ବୁଝାମଣା ॥

**ବିଛା**
ଅଭିଳାଷ ପୂରଣ, ଖୋଜୁଥିବା ଜିନିଷ ପାଇବେ, କର୍ମକ୍ଷେତ୍ରରେ ବିବାଦ, ସଂଗଠନରେ ନେତୃତ୍ୱ, ସ୍ଥାନାନ୍ତରର ସୂଚନା, ତୀର୍ଥାଟନ କରିପାରନ୍ତି, କଚେରୀ ମାମଲାରେ ବିଜୟ, ଲୋକ ସମ୍ପର୍କ ବୃଦ୍ଧି, ଆତ୍ମୀୟ ସ୍ୱଜନଙ୍କ ବିରୋଧ।

**ଧନୁ**
ପାରିବାରିକ ସଦ୍‌ଭାବ, ବୃତିବାଣିଜ୍ୟରେ ଉନ୍ନତି, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ, ନୂତନ ବନ୍ଧୁସମ୍ପର୍କ ସୃଷ୍ଟି, ଦୂରଯାତ୍ରାରେ ଅସ୍ଥିରତା, ସ୍ନାୟବିକ ଦୁର୍ବଳତା, ନିରୁତ୍ସାହିତ ରହିପାରନ୍ତି, ସରକାରୀ ସହାୟତା ପାଇବେ ॥

**ମକର**
କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବୃଦ୍ଧି, ଅର୍ଥନୈତିକ ଅଭିବୃଦ୍ଧି, ଶିକ୍ଷାରେ ସଫଳତା, ଗବେଷଣାରେ ସୁନାମ, ଉନ୍ନତିମୂଳକ କାର୍ଯ୍ୟରୁ ପ୍ରଶଂସା, ଫଳପ୍ରଦ ଆଲୋଚନା, ବସ୍ତ୍ରାଳଙ୍କାର କ୍ରୟ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ବନ୍ଧୁ ସହ ମନୋମାଳିନ୍ୟ ॥

**କୁମ୍ଭ**
ବନ୍ଧୁଙ୍କ କର୍ମପ୍ରେରଣା, ଉତ୍ସବାନୁଷ୍ଠାନରେ ସହଯୋଗ, ଯାନବାହନର ନବୀକରଣ, ଦର୍ଶନୀୟସ୍ଥାନ ଭ୍ରମଣ, ବନ୍ଧୁମାନଙ୍କ ସାହାଯ୍ୟ, ଜମିଜମା କ୍ରୟବିକ୍ରୟ, କଳା ସାହିତ୍ୟରେ ଉନ୍ନତି, ନୂତନ ଯୋଜନାରମ୍ଭ, ନୂତନ ସମ୍ପର୍କ ସ୍ଥାପନ ॥

**ମୀନ**
ସାମାଜିକ ସମ୍ମାନ, ଗଠନମୂଳକ ପରାମର୍ଶ, ଭ୍ରାତୃ ସମ୍ପର୍କରେ ଅବନତି, ପାରିବାରିକ ବିତର୍କ, ସନ୍ତାନ ହେତୁକ ଗୌରବ ବୃଦ୍ଧି, ରୋଗପୀଡା କମିବ, ପ୍ରତିବନ୍ଧକ ଦୂରହେବ, ସହକର୍ମୀଙ୍କ ଅସହଯୋଗ, ବସ୍ତ୍ରାଳଙ୍କାର କ୍ରୟ, କଚେରୀ ମାମଲାରେ ବାଇଦା ॥

# କେଉଁ ଜିନିଷ ରଖିବେନି ପର୍ସରେ

**ପ**ର୍ସ କେବଳ ଏକ ଧନ ରଖିବାର ମାଧ୍ୟମ ନୁହେଁ, ଅଧିକନ୍ତୁ ଏହା ବ୍ୟକ୍ତିଙ୍କ ଆର୍ଥିକ ଉର୍ଜ୍ଜାର ବି ଏକ ସଙ୍କେତ ହୋଇଥାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଏମିତି କିଛି ବିଶେଷ ଜିନିଷ ରହିଛି ; ଯାହାକୁ ପର୍ସରେ ରଖିବା ଦ୍ୱାରା ନକାରାତ୍ମକ ଶକ୍ତି ଆକର୍ଷିତ ହେବା ସହ ଆର୍ଥିକହାନିର ବି ସମସ୍ୟା ଉପୁଜିଥାଏ। ଯେମିତି କି: ✲ ଫଟା ଅବା ବହୁ ଦିନର ପୁରୁଣା ନୋଟ୍ ପର୍ସରେ ରଖିଲେ ଜୀବନରେ ଅଶାନ୍ତି ଉପୁଜିବା ସହ ଆର୍ଥିକ ସମସ୍ୟା ଦେଖାଦେଇଥାଏ।

✲ ପୁରୁଣା ବିଲ୍, ରସିଦ୍, ପୁରୁଣା ହିସାବ କାଗଜ ଅବା ପୁରୁଣା ଅଦରକାରୀ ଭିଜିଟିଂ କାର୍ଡକୁ ବି ପର୍ସରେ ରଖିବା ଠିକ୍ ନୁହେଁ। ଏହା ଟଙ୍କା ଆସିବାରେ ବାଧା ସୃଷ୍ଟି କରିଥାଏ ବୋଲି ବିଶ୍ୱାସ କରାଯାଏ। ✲ ପୁରୁଣା ଚାବି, ଜଙ୍ଗ ଲାଗିଥିବା କଏନ୍, ପିନ୍ ଅବା କୌଣସି ପ୍ରକାରର ଧାରୁଆ ଜିନିଷକୁ ବି ପର୍ସରେ



ରଖିବା ଶୁଭ ନୁହେଁ। ✲ ଦିବଂଗତ ପରିଜନଙ୍କର ଫଟୋକୁ ବି ପର୍ସରେ ରଖିବାକୁ ନେଇ ବାସ୍ତୁଶାସ୍ତ୍ରରେ ବାରଣ କରାଯାଇଛି। ଏହା ପରିବର୍ତ୍ତେ ଦେବଦେବୀଙ୍କ ଫଟୋ ରଖିବା ଶୁଭ ହୋଇଥାଏ। ✲ କିନ୍ତୁ ଚମଡ଼ା ପର୍ସରେ ଦେବଦେବୀଙ୍କ ଫଟୋ ରଖିବାକୁ ନେଇ ବାସ୍ତୁଶାସ୍ତ୍ରରେ ବାରଣ ରହିଛି। ✲ ଅପ୍ରଚଳିତ ମୁଦ୍ରା ଅବା ବିଦେଶୀ ମୁଦ୍ରାକୁ ବି ପର୍ସରେ ରଖିଲେ ଆର୍ଥିକ ଅସ୍ଥିରତା ଦେଖାଯାଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

# ପାଠକୀୟ

✲ ଦୁଇଟି ମଣିଷ, ଗୋଟିଏ ମନ। ଦୁହେଁ ଚିତ୍ରକୁ ବୁଝନ୍ତି, ବୁଝନ୍ତି ବି ପରସ୍ପରକୁ। ଅସୀମ ଧୈର୍ଯ୍ୟ ଓ ସଂକଳ୍ପକୁ ନେଇ ସାଧନାର ପଥେ ପଥେ ଯାଇ ପାଇଛନ୍ତି ଅନେକ ସଫଳତା। ଆଉ ପାଲଟିଛନ୍ତି ସର୍ଜନ ଦମ୍ପତି। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ଉପସ୍ଥାପନା ହୋଇଥିବା 'ସର୍ଜନାରେ ଦମ୍ପତି' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା। ***- ବିନି ସେଠୀ, ବାରିପଦା***

✲ ଦୁଇଟି ମଣିଷ, ମନ କିନ୍ତୁ ଗୋଟିଏ। ଦୁହେଁ କେବଳ ଚିତ୍ରରେ ନିମଗ୍ନ ନୁହନ୍ତି, ପରସ୍ପରକୁ ବେଶ୍ ଭଲ ଭାବେ ବୁଝନ୍ତି ବି। ଯେଉଁଥିପାଇଁ ସେମାନଙ୍କୁ ସମସ୍ତେ ସର୍ଜନ ଦମ୍ପତି ବୋଲି କୁହନ୍ତି। ଏଭଳି ଏକ ହୃଦୟସ୍ପର୍ଶୀ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ନିଆରା ଥିଲା ପଢିବାକୁ। 'ବାୟୋପ୍ଲାଷ୍ଟର ବାସ୍ତୁ ମହତ୍ତ୍ୱ' ପାଠରୁ ବହୁ ଉପାଦେୟ କଥା ଜାଣିହେଲା। ***- ଅଶୋକ ଦାସ, କୋରାପୁଟ***

✲ 'ଆଣ୍ଟି ଏଜିଂ ଯୋଗାସନ' ପାଠଟି ବେଶ୍ ଶିକ୍ଷଣୀୟ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ କଣ୍ଠଶିଳ୍ପୀ ବନ୍ଦିତା ରାୟଙ୍କ ଜୀବନୀ ସମ୍ପର୍କରେ ବହୁ ଉପାଦେୟ କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଖେଳ' ଶୀର୍ଷକ ଗପଟି ବି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଅମୀଷାଙ୍କ ହ୍ୟାଣ୍ଡବ୍ୟାଗ୍ ନିଶା', 'ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସରରୁ କୋରିଓଗ୍ରାଫର' ଆଦି ପାଠଗୁଡ଼ିକ ତଥ୍ୟପୂର୍ଣ୍ଣ ଥିଲା।

***- ସବିତା ଜେନା, ରସୁଲଗଡ଼, ଭୁବନେଶ୍ୱର***

✲ ସହକାରୀ ପ୍ରାଧ୍ୟାପକ ମନୋଜ କୁମାର କରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ପ୍ରେରଣାଦାୟୀ ହୋଇଥିଲା। ସାଥୀର ଉତ୍ତରଗୁଡ଼ିକ ବି ଖୁବ୍ ମଜାଦାର୍ ଲାଗୁଥିଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ବାନ୍ଧେନୀ କୁର୍ତ୍ତା ପ୍ଲାଜୋ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

***- ପୁନିତ୍ ସାହୁ, କଟକ***

✲ ଶାନ୍ତ ତପୋବନ ଜିରାଙ୍ଗ ସମ୍ପର୍କରେ ବହୁ ଉପାଦେୟ କଥା ସହର ପୃଷ୍ଠାରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଧଳା ବରଫ ଚାଦରରେ ଆବୃତ୍ତ, ହେଲେ ନାଁ ତା'ର ଗ୍ରୀନ୍‌ଲାଣ୍ଡ କାହିଁକି' ସେ ବିଷୟରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

***- ଶିବଚରଣ ମିଶ୍ର, ଯାଜପୁର***

✲ ବ୍ୟଙ୍ଗ ପୃଷ୍ଠାରୁ 'କର୍ମସୁ କୌଶଳମ୍' ଶୀର୍ଷକ ପାଠଟିରୁ ବହୁ ଉପାଦେୟ କଥା ଶିଖିହେଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'କୁକୁର ଦେହରେ ଟାଟୁ', 'ଚତୁର ଶୁଆ', 'ଥିଲେ ଆର୍‌ବିଆଇ ଗଭର୍ନରଙ୍କ ଗୁରୁ, ଏବେ କରୁଛନ୍ତି ଆଦିବାସୀଙ୍କ ସେବା' ଆଦି ପାଠଗୁଡ଼ିକ ତଥ୍ୟପୂର୍ଣ୍ଣ ହେବା ସହ ନିଆରା ବି ଲାଗୁଥିଲା।

***- ଜିତୁନି ମହାପାତ୍ର, କେନ୍ଦ୍ରାପଡ଼ା***




## ବିଶେଷ ଚିଠି

**ସ**ର୍ଜନାରେ ଦମ୍ପତି
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ଯେମିତି ନିଆରା
ଦେଉଥିଲା ସେମିତି ଆନନ୍ଦ।
ତା'ସାଙ୍ଗକୁ ଥିଲା ଆଣ୍ଟି ଏଜିଂ
ଯୋଗାସନ,
ଶିଖାଉଥିଲା ନୂଆ ନୂଆ ଟ୍ରିକ୍ସ
ଜିଇବାକୁ ଭଲ ଜୀବନ।
ସତରେ ହେ ପ୍ରିୟ ଛୁଟିଦିନ
ତୁମର ସବୁ ପୃଷ୍ଠା ଲାଗେ ଭାରି ନୂତନ।
***-ରାକେଶ ଶତପଥୀ, ବଲାଙ୍ଗୀର***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଭାଇଚାରାରେ ପୂଜା



**ଏମାନେ ଭାଇଚାରାରେ ବିଶ୍ୱାସ କରନ୍ତି । ଏମାନଙ୍କ ପାଇଁ ସବୁଠୁ ବଡ଼ ହେଉଛି ପରସ୍ପର ପ୍ରତି ଭଲ ପାଇବା ସହ ପରସ୍ପରକୁ ସମ୍ମାନ ଦେବା । ସେଥିପାଇଁ ମୁସଲମାନ ହେଲେ ବି ମା'ଙ୍କ ପୂଜାରେ ଏମାନେ ବିଶେଷ ଭୂମିକା ନିର୍ବାହ କରିଥାନ୍ତି...**

**ମାଣିକଗୋଡ଼ାରେ ହିନ୍ଦୁ ଓ ମୁସଲମାନ ମିଶି କରନ୍ତି ମା'ଙ୍କ ପୂଜା:** ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ମାଣିକଗୋଡ଼ା ଗ୍ରାମ । ନିଆରା ଢଙ୍ଗରେ ପାଳିତ ହେଉଥିବା ଦଶହରା ପର୍ବ ଏଠାକାର ମୁଖ୍ୟ ଆକର୍ଷଣ । ହିନ୍ଦୁ ଓ ମୁସଲମାନ ମିଳିତ ଭାବେ ପାଳନ କରିଥାନ୍ତି ମା'ଙ୍କର ଏହି ପର୍ବକୁ। ହିନ୍ଦୁ-ମୁସ୍‌ଲିମ ଭାଇଚାରାର ଏହି ବିରଳ ଦୃଶ୍ୟ କାହିଁ କେଉଁ କାଳରୁ ଏଠି ଦେଖିବାକୁ ମିଳେ । ଆଶ୍ୱିନ ଶୁକ୍ଳପକ୍ଷ ସପ୍ତମୀ ରାତିରୁ ଆରମ୍ଭ ହୋଇ ଏହି ପୂଜା ବିଜୟାଦଶମୀରେ ଅପରାଜିତା ହୋମରେ ସମାପ୍ତ ହୋଇଥାଏ । ପାରମ୍ପରିକ ରୀତିନୀତିରେ ସପ୍ତମୀ ତିଥିରେ ମା' ଭଗବତୀଙ୍କ ପୀଠ ସମ୍ମୁଖ ମଣ୍ଡପ ପିଢା ଉପରେ ଗଜପତିଙ୍କ ପ୍ରଦତ୍ତ ଦଳବେହେରାଙ୍କ ଖଣ୍ଡା, କୋଠକରଣଙ୍କ ଲେଖନୀ ଓ ତାଳପତ୍ର, ମହିଷାମର୍ଦ୍ଦିନୀଙ୍କ ବିଜେ ପ୍ରତିମା ଅଷ୍ଟଧାତୁର ବିରାଟ କଟାରୀ ଓ ଦିବ୍ୟସିଂହପୁର ଗ୍ରାମର କନକଦୁର୍ଗାଙ୍କୁ ଆଣି ଏକାଠି ରଖି ପୂଜା କରାଯାଏ । ତିନି ଦିନ ଧରି ଏହି ପୂଜା ଚାଲିଥାଏ । ଦଶହରା ପୂର୍ବାହ୍ନରେ ମାନସିକଧାରୀମାନେ ମା'ଙ୍କ ନିକଟରେ ନୈବେଦ୍ୟ ଅର୍ପଣ କରନ୍ତି । ସନ୍ଧ୍ୟାରେ ମାଣିକଭୂୟାଁ ଠାକୁରାଣୀଙ୍କ ବିଜେ ପ୍ରତିମା କାଷ୍ଠ ମୂଷଳଙ୍କୁ ରୋଶଣି ପଟୁଆରରେ ମୁସଲମାନ ଦଳବେହେରାଙ୍କ ଘର ଦୁଆରକୁ ନିଆଯାଇଥାଏ । ଏହି ସମୟରେ ଠାକୁରାଣୀ ପୂଜକ କନ୍ଧ ଜାନୀଙ୍କ ଦେହରେ ସବାର(ଉଭା) ହୋଇ ଭବିଷ୍ୟତବାଣୀ ସହ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ । ଠାକୁରାଣୀ ଦୁଆରେ ପହଞ୍ଚିଲା ପରେ ଦଳବେହେରା ମା'ଙ୍କୁ ଫଳ ଓ ଶୁଖିଲା ଭୋଗ ଅର୍ପଣ କରିଥାନ୍ତି । ମା'ଙ୍କର ଏହି ଭୋଗକୁ ହିନ୍ଦୁ, ମୁସଲମାନ ଓ ଅନ୍ୟ ସମ୍ପ୍ରଦାୟର ଲୋକେ ଖାଇ ଭାଇଚାରାକୁ ବଜାୟ ରଖନ୍ତି । ଏହାପରେ ଠାକୁରାଣୀଙ୍କ ସହ ମୁସଲମାନ ଦଳବେହେରା ଯାଇ ଭଗବତୀଙ୍କ ପୀଠରେ ପହଞ୍ଚନ୍ତି । ସେଠାରେ ୩ଦିନ ବ୍ୟାପୀ ପୂଜା ପାଉଥିବା ଗଜପତି ପ୍ରଦତ୍ତ ଦଳବେହେରାଙ୍କ ଖଣ୍ଡା, କୋଠକରଣଙ୍କ ଲେଖନୀ ଓ ତାଳପତ୍ର, ମହିଷାମର୍ଦ୍ଦିନୀଙ୍କ ବିଜେ ପ୍ରତିମା ଅଷ୍ଟଧାତୁର ବିରାଟ କଟାରୀ ଓ ଦିବ୍ୟସିଂହପୁର ଗ୍ରାମ କନକଦୁର୍ଗା ଆଦିଙ୍କୁ ବି ରୋଶଣି ପଟୁଆରରେ ସାମିଲ କରି କ୍ରମେ ମାଳିସାହି, ଦିବ୍ୟସିଂହପୁର ଓ କଳାଙ୍ଗର ମଧ୍ୟବର୍ତ୍ତୀ ଅଞ୍ଚଳ ତ୍ରିଛକିରେ ଅବସ୍ଥିତ ସୋମନାଥ ଦେବଙ୍କ ମନ୍ଦିର ନିକଟରେ ସମସ୍ତେ ପହଞ୍ଚିଥାନ୍ତି । ତା'ପରେ ସେଠାରେ ଅନୁଷ୍ଠିତ ହୁଏ ଅପରାଜିତା ହୋମ । ରାସ୍ତା ଉପରେ ଏକ ଖଟୁଲିରେ କନକଦୁର୍ଗା ଓ ମାଣିକଭୂୟାଁ ଠାକୁରାଣୀଙ୍କ ବିଜେ ପ୍ରତିମା କାଷ୍ଠ ମୂଷଳକୁ ସେବକମାନେ ଧରିଥାନ୍ତି । ପାର୍ଶ୍ୱବର୍ତ୍ତୀ ମନ୍ଦିରରେ ସୋମନାଥ ଦେବ ନିଜ ବେଢାରେ ବିଜେ କରିଥିବାବେଳେ ଅପରପାର୍ଶ୍ୱରେ ମା'ଦୁର୍ଗା ନିଜ ବିମାନରେ ବିଜେ କରିଥାନ୍ତି । ଏହି ହୋମରେ ମୁସଲମାନ ଦଳବେହେରା, କୋଠକରଣ, ବ୍ରାହ୍ମଣ, ପଣ୍ଡିତ, ମାନସିଂହ, ଶବର, କନ୍ଧ ତଥା ଅନ୍ୟ ସମ୍ପ୍ରଦାୟର ଲୋକେ ଏକାଠି ବସନ୍ତି । ରାଜଗୁରୁ କୁଶବଟୁ ପିନ୍ଧାଇବା ପରେ ମୁସଲମାନ ଦଳବେହେରା କର୍ତ୍ତା ହୋଇ ହୋମରେ ଘୃତାହୁତି ଦିଅନ୍ତି । ଜୟଧ୍ୱନି, ମନ୍ତ୍ରୋଚ୍ଚାରଣରେ ପ୍ରକମ୍ପିତ ହେଉଥାଏ ପରିବେଶ । ଅପରାଜିତା ହୋମ ଶେଷରେ ମା' କନକଦୁର୍ଗାଙ୍କ ଆଖିରୁ ଆଶ୍ୱିନ ଶୁକ୍ଳପକ୍ଷ ସପ୍ତମୀରେ ଖୋଲା ଯାଇଥିବା ପଟି ବିଜୟା ଦଶମୀରେ ପୁଣି ବନ୍ଧା ହୋଇଥାଏ । ମା'ଙ୍କ ଆଖିରୁ ବର୍ଷକର ୩୬୫ ଦିନ ମଧ୍ୟରୁ କେବଳ ୪ଦିନ ପାଇଁ ପଟି ଖୋଲାଯାଇଥାଏ । ମା' କନକଦୁର୍ଗାଙ୍କ ଆଖିରେ ପଟି ବାନ୍ଧିବା ପରେ ଅପରାଜିତା ହୋମ ଉଦ୍‌ଯାପିତ ହୋଇଥାଏ । ତା'ପରେ ମା'ଙ୍କ ଶୁଖିଲା ପ୍ରସାଦକୁ ବ୍ରାହ୍ମଣଙ୍କଠାରୁ ଆରମ୍ଭ କରି ମୁସଲମାନ, ହିନ୍ଦୁ ଓ ଅନ୍ୟ ଧର୍ମାବଲମ୍ବୀ ଲୋକମାନେ ସେବନ କରିଥାନ୍ତି । ତା'ପରେ ଠାକୁରାଣୀ ଆଟୋପ ପଟୁଆରରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଏହି ହୋମର ସମସ୍ତ ଖର୍ଚ୍ଚ ମୁସଲମାନ ପରିବାର ତୁଲାଉଥିବାବେଳେ ଗ୍ରାମର ସବୁ ବର୍ଗର ଲୋକ ଏକାଠି ଏହି ପର୍ବର ମଜା ନେଇଥାନ୍ତି । ଆଖପାଖ ଅଞ୍ଚଳରୁ ବି ଲୋକେ ଆସି ଏଥିରେ ସାମିଲ ହୋଇଥାନ୍ତି । ଏ ସମ୍ପର୍କରେ ବର୍ତ୍ତମାନର ମୁସଲମାନ ଦଳବେହେରା **ଶେଖ୍ ଅଜିଜୁର ରେହମାନ** କୁହନ୍ତି, ''ମାଣିକଗୋଡ଼ା ଦଶହରା ସତରେ ବିରଳ । ଏଭଳି ପରମ୍ପରା ଅନ୍ୟ କେଉଁଠି ଦେଖିବାକୁ ମିଳେ ନାହିଁ । ଜେଜେବାପାଙ୍କ ଅମଳରୁ ଆମ ପରିବାର ବଂଶାନୁକ୍ରମେ ଏହି ପର୍ବ ପାଳନ କରି ଆସୁଛୁ । ଏବେ ମୋତେ ଏହି ସୌଭାଗ୍ୟ ମିଳିଛି । ମା'ଙ୍କ ପୂଜାର ନୀତିକାନ୍ତି ପାଇଁ ଯାହାବି ଆବଶ୍ୟକ ସାମଗ୍ରୀ ଦରକାର ହୁଏ ସବୁ ଆମେ ପ୍ରଦାନ କରିଥାଉ ।'' ସେହିପରି ଏହି ଗାଁର ଆଇନଜୀବୀ **ଅମିୟ ପଟ୍ଟନାୟକ**ଙ୍କ ମତରେ, ''ଆମ ଗାଁରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ସୁସମ୍ପର୍କ ରହିଛି । ହିନ୍ଦୁ ଦେବଦେବୀଙ୍କ ପୂଜାରେ ମୁସଲମାନ ସମ୍ପ୍ରଦାୟ ଏବଂ ମୁସଲମାନଙ୍କ ପର୍ବରେ ହିନ୍ଦୁମାନେ ପରସ୍ପରକୁ ଶୁଭେଚ୍ଛା ବାର୍ତ୍ତା ଦେବା ସହ ଅତି ଆଗ୍ରହରେ ସେଥିରେ ସାମିଲ ହୋଇଥାନ୍ତି । '' ଅନ୍ୟପକ୍ଷେ ବେଗୁନିଆ ବିଧାୟକ **ପ୍ରଦୀପ ସାହୁ** କୁହନ୍ତି, ''ଏହାକୁ ମାଣିକଗୋଡ଼ାର ଏକ ଗଣପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ । ମୁସଲମାନଙ୍କ ଦ୍ୱାରା ଠାକୁରାଣୀଙ୍କୁ ସମର୍ପିତ ପ୍ରସାଦକୁ ହିନ୍ଦୁ ଭାଇମାନେ ଅତି ଆଦରର ସହ ଗ୍ରହଣ କରିଥାନ୍ତି । ଉଭୟ ସମ୍ପ୍ରଦାୟ ଆନନ୍ଦ ଉଲ୍ଲାସର ସହ ଏହି ପର୍ବ ପାଳନ କରନ୍ତି । ଏହି ନିଆରା ପରମ୍ପରା ଦେଖିବାକୁ ମାଣିକଗୋଡ଼ା ଦଶହରାରେ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ ।''

**ମୁସଲମାନ ଗଢନ୍ତି ମା' ଦୁର୍ଗାଙ୍କ ମେଢ଼ :** କଟକ ବାଙ୍କାବଜାରର ଚୂନଭାଟି ଗଳିରେ ସପରିବାରେ ବାସ କରନ୍ତି **ସୟଦ୍ ଅସଲମ୍ ଅଲ୍ଲୀ** । ପତ୍ନୀ ଫରିଦା ବେଗମ୍, ଗୋଟିଏ ପୁଅ ଓ ଗୋଟିଏ ଝିଅଙ୍କୁ ନେଇ ତାଙ୍କ ପରିବାର । କଟକ ପ୍ରସିଦ୍ଧ ତାରକସି କାମରେ ଅସଲମ୍ ବେଶ୍ ସିଦ୍ଧହସ୍ତ । ପୂଜାପାର୍ବଣ ସମୟରେ ତାଙ୍କୁ ଫୁର୍‌ସତ୍ ନ ଥାଏ । ମେଢ ତିଆରି ପାଇଁ ଗ୍ରାହକଙ୍କର ଭିଡ଼ ଜମେ ତାଙ୍କ ପାଖରେ । ବିଶେଷକରି ତାରକସି କାମର ମେଢ ତିଆରି ପାଇଁ କଟକରେ ତାଙ୍କର ବେଶ୍ ନାଁ । ଏହା ତାଙ୍କର କୌଳିକ ବୃତ୍ତି କହିଲେ ବି ଚଳେ । କାରଣ ତାଙ୍କ ଜେଜେବାପା ସୟଦ୍ ମେହମୁଦ ଅଲ୍ଲୀଙ୍କ ଅମଳରୁ ଏହି ମେଢ କାମ ତାଙ୍କ ପରିବାରରେ ଚାଲି ଆସିଛି । ଅସଲମ୍‌ଙ୍କ ବଡ଼ବାପା ସୟଦ୍ ମୁରାଦ୍ ଅଲ୍ଲୀ ଓ ବାପା ସୟଦ୍ ଅମିର ଅଲ୍ଲୀ ବି ଏହି କାମ କରୁଥିଲେ । ଆଉ ତାଙ୍କୁ ଦେଖି ଦେଖି ଅସଲମ୍ ଓ ତାଙ୍କ ବଡ଼ ବାପାଙ୍କ ପୁଅ ସୟଦ୍ ଆଦିତ୍ ଅଲ୍ଲୀ ବି ଏହି ବୃତ୍ତିକୁ ଆପଣେଇନେଲେ । ଏବେ ଦୁଇ ଭାଇଙ୍କର ଦୁଇଟି ଭିନ୍ନ ଭିନ୍ନ ମେଢ ତିଆରି କାରଖାନା ରହିଛି । ଆଉ ସେହି କାରଖାନାରେ ସେମାନଙ୍କୁ ସାହାଯ୍ୟ କରିବାକୁ ହାତଗଣତି କିଛି କାରିଗର ବି କାମ କରୁଛନ୍ତି । ମେଢ କାମ ଟିକେ ବଡ଼ କାମ ହେଉଥିବାରୁ ଦୁଇଭାଇ ମିଶିକି ବେଳେବେଳେ କାମ କରିଦିଅନ୍ତି । ନଚେତ୍ ଅଲଗା ସମୟରେ ଯିଏ ଯାହାର କାରଖାନା ଓ ବେପାର କଥା ବୁଝିଥାନ୍ତି । ଅସଲମ୍‌ଙ୍କ କାରଖାନାରେ ଏବେ ୯ ଜଣ ମହିଳା ଓ ୬ ଜଣ ପୁରୁଷ କାରିଗର ରହିଛନ୍ତି । ତା'ସହିତ ଅସଲମ୍‌ଙ୍କୁ ତାଙ୍କ ପତ୍ନୀ ମଧ୍ୟ କାମରେ ସାହାଯ୍ୟ କରିଥାନ୍ତି । ତାରକସି ମେଢ ବ୍ୟତୀତ ସୋଲ ମେଢ, ଜରି ମେଢ, କାଗଜ ମେଢ ବି ଅସଲମ୍‌ଙ୍କୁ ବେଶ୍ ଜଣା । ଗଣେଶ ପୂଜାଠୁ ଆରମ୍ଭ କରି ବିଶ୍ୱକର୍ମା ପୂଜା, ଦୁର୍ଗା ପୂଜା, ଗଜଲକ୍ଷ୍ମୀ ପୂଜା ଓ କାଳୀପୂଜାର ମେଢ ପାଇଁ ତାଙ୍କ ପାଖକୁ ବହୁତ ଅର୍ଡର ଆସେ । କେବଳ କଟକ କି ଭୁବନେଶ୍ୱର ନୁହେଁ, ଓଡ଼ିଶାର ଅନ୍ୟାନ୍ୟ ସ୍ଥାନ ଏପରି କି ହାଇଦ୍ରାବାଦ୍, କଲିକତା, ପୁଣେ, ପଞ୍ଜାବକୁ ବି ମେଢ କାମ ପାଇଁ ଅସଲମ୍‌ଙ୍କୁ ଯିବାକୁ ପଡେ । ପୂଜାପାର୍ବଣ ସମୟରେ ମେଢ କାମ ଖୁବ୍ ଜୋର୍‌ସୋର୍‌ରେ ଚାଲେ ।











ସୟଦ୍ ଅସଲମ୍ ଅଲ୍ଲୀ



ଏମ୍.ଡି.ମକସୁଦ୍ ଅଜିଜି



ଶେଖ୍ ଅଜିଜୁର ରେହମାନ

ଆଉ ଯେବେ ବାହାଘର ସିଜିନ୍ ଆରମ୍ଭ ହୁଏ ଅସଲମ୍ ବରକନ୍ୟାଙ୍କ ମୁକୁଟ ତିଆରି, ବେଦୀସଜ୍ଜା କାମ, ବରମାନେ ଯେଉଁ ରଥରେ ବସି ବାହା ହେବାକୁ ଯାନ୍ତି, ସେ କାମ ବି କରିଥାନ୍ତି । ଏ ନେଇ ଅସଲମ୍ କୁହନ୍ତି, ‘‘ତିନି ପିଢି ହେଲାଣି ଆମେ ଏହି ମେଢ କାମ କରିଆସୁଛୁ । କେବଳ ମେଢ ନୁହେଁ ଦେବଦେବୀଙ୍କ ମୂର୍ତ୍ତିରେ ଲାଗିବା ପାଇଁ ବିଭିନ୍ନ ସାଜସଜ୍ଜା ସାମଗ୍ରୀ ମଧ୍ୟ ଆମେ ତିଆରି କରିଥାଉ । ବିଶେଷକରି ଦୁର୍ଗା ପୂଜା ପାଇଁ ମେଢ ତିଆରି କରିବା ଓ ମା’ଙ୍କର ବିଭିନ୍ନ ସାଜ ଜିନିଷ ତିଆରି କରିବାକୁ ଆମକୁ ବହୁତ ଅର୍ଡର ଆସେ, ଆଉ ଆମେ ତାକୁ ବହୁତ ଖୁସିରେ କରିଥାଉ । ମଣ୍ଡପରେ ମା’ଙ୍କ ମୂର୍ତ୍ତି ତିଆରି କରି ଲୁଗା ପିନ୍ଧାଇ ସାରିଲା ପରେ ମେଢ ଫିଟିଙ୍ଗ୍‌ଠାରୁ ନେଇ ବାକି ଆଉ ଯାହା ସବୁ ସଜବାଜ ରହିଲା ସେସବୁ ଆମେ କରିଥାଉ । ଗୋଟେ ମେଢ ତିଆରି ପାଇଁ ଯାହାବି ଜିନିଷ ଆବଶ୍ୟକ ପଡେ, ସେ ଜରି ହେଉ କି କାଗଜ ଅବା ଭେଲଭେଟ୍ କପଡ଼ା, ଚୁମ୍‌କି, ମାଳି ତଥା ଆଉ ଯାହା ବି ଜିନିଷ ରହିଲା, ସେସବୁକୁ ଆମକୁ ବିଭିନ୍ନ ସ୍ଥାନରୁ ଅର୍ଡର କରି ଆଣିବାକୁ ହୋଇଥାଏ । ମେଢ ସରିଲା ପରେ ତାକୁ ମଣ୍ଡପକୁ ନେଇ ଫିଟିଙ୍ଗ୍ ବି କରୁ । ଆଉ ମଣ୍ଡପ ମାଲିକମାନେ ସେ ବାବଦରେ ଆମକୁ ପୂରା ପଇସା ଦେଇଦିଅନ୍ତି । ଆମ ପାଖକୁ ଅର୍ଡର ଅକ୍ଷୟ ତୃତୀୟା ପୂର୍ବରୁ ଆସିଯାଏ । ଆଉ ଅକ୍ଷୟ ତୃତୀୟାରୁ ଆମେ ଆମର କାମ ଆରମ୍ଭ କରୁ । ଯେହେତୁ ହିନ୍ଦୁ ଭାଇମାନେ ଆମ ଉପରେ ଭରସା କରି ଆମକୁ ତାଙ୍କ ଦେବଦେବୀଙ୍କ କାମ ଦେଇଥାନ୍ତି, ତାହାକୁ ନିଷ୍ଠାର ସହ କରିବା ପାଇଁ ଅକ୍ଷୟ ତୃତୀୟାରୁ ଦୀପାବଳି ପର୍ଯ୍ୟନ୍ତ ଆମ ଘରକୁ ଆମିଷ ପ୍ରବେଶ କରେନାହିଁ କି ଆମେ ନିଜେ ମଧ୍ୟ କେଉଁଠି ଖାଇ ନ ଥାଉ । ହୁଏତ ଏହି ନିଷ୍ଠା ପାଇଁ ଆମକୁ କାମର କେବେ ବି ଅଭାବ ହୋଇନି କି ଏହି କାମରେ ବି କିଛି ଅସୁବିଧା ହୋଇନି । ହିନ୍ଦୁ-ମୁସ୍‌ଲିମ ଭାଇଚାରା ଭିତରେ ବେଶ୍ ଖୁସିରେ ଆମେ ଏଠି ଚଳୁଛୁ । ଚଳିତବର୍ଷ ଭୁବନେଶ୍ୱରର ୩ଟି ଏବଂ ରାଉରକେଲାର ୬ଟି ଦୁର୍ଗାମଣ୍ଡପ ତରଫରୁ ମେଢ ପାଇଁ ଅର୍ଡର ଆସିଥିବାରୁ କଟକ କାମ କିଛି ହାତକୁ ନେଇପାରିନି । କାମ ନ କଲେ ବି କଟକରେ ଯେହେତୁ ଜନ୍ମିଛି ଆଉ କଟକରେ ବଢିଛି ତେଣୁ କଟକ ଦୁର୍ଗା ପୂଜା ପ୍ରତି ମୋ ମନରେ ସବୁବେଳେ ଶ୍ରଦ୍ଧା ରହିଆସିଛି ଆଉ ରହିଥିବ’’ ।

## ମେଢ଼ ତିଆରି ସହ ଜଗନ୍ନାଥଙ୍କ ଭଜନ ଗାଆନ୍ତି ମୁସଲମାନ:

ସୁନ୍ଦରଗଡ଼ ମସ୍‌ଜିଦପଡ଼ାର ବାସିନ୍ଦା ହେଲେ **ଏମ୍.ଡି.ମକସୁଦ୍ ଅଜିଜି** । ପତ୍ନୀ ନାଜ୍ ମଜବିନ୍ ଓ ଦୁଇ ଝିଅଙ୍କୁ ନେଇ ତାଙ୍କ ପରିବାର । ପେସାରେ ସେ ଜଣେ ମେଢ଼ କାରିଗର ହୋଇଥିଲେ ହେଁ ନିଶା ତାଙ୍କର ଓଡ଼ିଆ ଭଜନ ଗାଇବା । ଶୁଣି ଆଶ୍ଚର୍ଯ୍ୟ ଲାଗୁଛି ନା, ଜଣେ ମୁସଲମାନ ସମ୍ପ୍ରଦାୟର ହୋଇ ବି ହିନ୍ଦୁ ଦେବଦେବୀଙ୍କ ପାଇଁ ମେଢ଼ ତିଆରି କରିବା ଆଉ ତା’ ସାଙ୍ଗକୁ ଓଡ଼ିଆ ଭଜନ ଗାଇବାରେ କିଭଳି ରୁଚି ଆସିଲା ମକସୁଦ୍‌ଙ୍କର । ଏସବୁ ସେ ତାଙ୍କ ଜେଜେବାପା ବି.କେ. ରେହମାନ୍‌ଙ୍କଠାରୁ ଶିଖିଥିବା ମକସୁଦ୍ ସ୍ୱୀକାର କରନ୍ତି । ମକସୁଦ୍‌ଙ୍କ ଜେଜେବାପା ପ୍ରତିବର୍ଷ ମହରମ ଅବସରରେ ତାଜିୟା ରଥ ନିର୍ମାଣ କରୁଥିଲେ । ବାଉଁଶପାତି, ସୋଲ, ରଙ୍ଗିନ କାଗଜ, ରଙ୍ଗିନ ଜରି ତଥା ବିଭିନ୍ନ ରଙ୍ଗର ଆଲୋକମାଳାରେ ସଜ୍ଜିତ ଏହି ତାଜିୟା ରଥ ଦେଖିବାକୁ ଖୁବ୍ ସୁନ୍ଦର ଲାଗିଥାଏ । ମକସୁଦ୍ ବି ଜେଜେବାପାଙ୍କ କାମକୁ ଦେଖି ଦେଖି ୧୭/୧୮ ବର୍ଷ ବୟସରୁ ଜେଜେବାପାଙ୍କ ସହ ମିଶି ତାଜିୟା ରଥ ଗଢିବା ଆରମ୍ଭ କଲେ । ମକସୁଦ୍‌ଙ୍କ ଦ୍ୱାରା ଗଢାଯାଉଥିବା ତାଜିୟା ରଥ ବି ଖୁବ୍ ଆକର୍ଷଣୀୟ ଲାଗୁଥିଲା । କେବଳ ମୁସଲମାନ ନୁହେଁ ହିନ୍ଦୁ ସମ୍ପ୍ରଦାୟର ଲୋକେ ବି ତାଙ୍କ କାମକୁ ବେଶ୍ ପସନ୍ଦ କରିବାକୁ ଲାଗିଲେ । ଯଦ୍ୱାରା ପ୍ରତିବର୍ଷ ମହରମରେ ତାଜିୟା ରଥ ଗଢିବା ପାଇଁ ତାଙ୍କ ପାଖକୁ ଅର୍ଡର ଆସିବା ସହ କ୍ରମେ ହିନ୍ଦୁ ଦେବଦେବୀଙ୍କ ପାଇଁ ମେଢ ଗଢିବାକୁ ବି ଲୋକେ ତାଙ୍କ ପାଖକୁ ଆସିଲେ । ପ୍ରଥମକରି ମା’ ସରସ୍ୱତୀଙ୍କ ପାଇଁ ଏକ ମେଢ ଗଢିବାକୁ ତାଙ୍କ ପାଖକୁ ଅର୍ଡର ଆସିଲା । କେବେ ମେଢ ତିଆରି କରି ନ ଥିବାରୁ ମକସୁଦ୍ ଟିକେ ଦ୍ୱନ୍ଦ୍ୱରେ ପଡୁଥିଲେ । କିନ୍ତୁ ଜେଜେବାପା ତାଙ୍କୁ ସାହସ ଦେଲେ ଆଉ ମେଢ କେମିତି ତିଆରି ହେବ ସେ ନେଇ ଅନେକ ଉପାୟ ବି ବତାଇଦେଲେ । ବାସ୍ ତା’ପରଠୁ ମକସୁଦ୍ ଆଉ ପଛକୁ ଫେରି ଚାହିଁନାହାନ୍ତି । ପ୍ରତିବର୍ଷ ସରସ୍ୱତୀ ପୂଜା, ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା ଏବଂ କାଳୀପୂଜା ପାଇଁ ସେ ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନକୁ ଯାଇ ମେଢ ତିଆରି କରିଥାନ୍ତି । ସେହିପରି ସୁନ୍ଦରଗଡ଼ ରଥଯାତ୍ରା ସମୟରେ ପ୍ରଭୁ ଜଗନ୍ନାଥଙ୍କ ପାଇଁ ବି ସ୍ୱତନ୍ତ୍ର ମେଢ ତିଆରି କରିବାକୁ ତାଙ୍କ ପାଖକୁ ଅର୍ଡର ଆସିଥାଏ । ସୋଲ ମେଢ ହେଉ କି ଜରି ମେଢ ଅବା କାଗଜ ମେଢ ସବୁକାମ ସେ ବେଶ୍ ସୁରୁଖୁରୁରେ କରିପାରନ୍ତି । ତାରକସି କାମ ବି ତାଙ୍କୁ ଜଣା । ଏ ନେଇ ମକସୁଦ୍ କୁହନ୍ତି, ‘‘ଜେଜେବାପାଙ୍କ ପାଇଁ ମୁଁ ଏ ମେଢ କାମ ଶିଖିପାରିଲି । ବାପା ତ ରାଜମିସ୍ତ୍ରି କାମ କରନ୍ତି । ତାଙ୍କୁ ବେଳ ନ ଥିଲା ଏ କାମ ଶିଖିବାକୁ । ତେଣୁ ଜେଜେବାପାଙ୍କ ପରେ ଏହି ବୃତ୍ତିକୁ ଆଗେଇ ନେବାକୁ ମୁଁ ଅଣ୍ଟା ଭିଡିଲି । ମୋ ଦୁଇ ଭଉଣୀ ବାହା ନ ହେବା ପୂର୍ବରୁ ମୋତେ ଏ କାମରେ ଅନେକ ସାହାଯ୍ୟ କରୁଥିଲେ । ଆଉ ମୁଁ ବାହାହେବା ପରଠୁ ମୋ ପତ୍ନୀ ମୋତେ ଏ କାମରେ ସହଯୋଗ କରିଆସୁଛନ୍ତି । ଦୁଇ ଝିଅ ବି କିଛି କିଛି କାମ ଜାଣିଥିବାରୁ ସେମାନେ ବି ବେଳେବେଳେ ସାହାଯ୍ୟ କରନ୍ତି । ମୋର ଗୋଟେ ଭଣଜା ମୋ ପାଖରେ ରହି କାମ କରୁଛି । ଅର୍ଡର ଅଧିକା ଥିଲେ ଘରେ ଆମେ ସମସ୍ତେ କାମରେ ଲାଗିଯାଉ । ଆଉ ଅର୍ଡର ଡେଲିଭରି ପାଇଁ ମୁଁ ଆଉ ଭଣଜା ବିଭିନ୍ନ ସ୍ଥାନକୁ ଯାଇଥାଉ । ଆଜକୁ ୩୦-୩୫ ବର୍ଷ ହେବ ମୁଁ ଏ ମେଢ କାମ ଏ ଅଞ୍ଚଳରେ କରିଆସୁଛି । ମୁଁ ଜଣେ ମୁସଲମାନ ହେଲେ ବି ହିନ୍ଦୁ ଭାଇମାନଙ୍କର ମୋ ଉପରେ ଖୁବ୍ ଭରସା ଓ ବିଶ୍ୱାସ ରହିଛି । ଆଉ ସେହି ବିଶ୍ୱାସ ପାଇଁ ମୁଁ ଯେତେବେଳେ କୌଣସି ହିନ୍ଦୁ ଦେବଦେବୀଙ୍କର ମେଢ କାମ ଘରେ ଆରମ୍ଭ କରେ ତା’ର ୨୪ ଘଣ୍ଟା ପୂର୍ବରୁ ଘର ମଧ୍ୟକୁ ଆମିଷ ପଶିବାକୁ ଦିଏ ନାହିଁ । ଘରକୁ ଭଲ ଭାବେ ପରିଷ୍କାର, ପରିଚ୍ଛନ୍ନ ଓ ଧୂଆଧୋଇ କରି ତା’ପରେ ମେଢ କାମ ଆରମ୍ଭ କରେ । ମୋ ପରିବାର ବି ଏହି ଧାରାରେ ପଡିଗଲେଣି । ନିଷ୍ଠାର ସହ ମୁଁ କାମ କରୁଥିବାରୁ ଆଖପାଖର ଲୋକେ ମୋତେ ଖୁବ୍ ଆଦର କରିଥାନ୍ତି । ମେଢ କାମ ବ୍ୟତୀତ ହିନ୍ଦୁ ଦେବଦେବୀଙ୍କର ଭଜନ ଗାଇବାକୁ ବି ମୋତେ ଖୁବ୍ ଭଲ ଲାଗେ । ବିଶେଷକରି ଜଗନ୍ନାଥଙ୍କ ଭଜନ ଗାଇବା ମୋର ପ୍ରିୟ । ଏହି କଳା ବଂଶାନୁକ୍ରମିକ ଭାବେ ମୋ ଜେଜେବାପାଙ୍କଠାରୁ ମୁଁ ପାଇଛି । ଜେଜେବାପା ଉର୍ଦ୍ଦୁରେ ଖୁବ୍ ସୁନ୍ଦର ସୁନ୍ଦର ଗଜଲ ଲେଖୁଥିଲେ । ବେଳେବେଳେ ଗାଉଥିଲେ ବି । ତାଙ୍କୁ ଅନୁସରଣ କରି ମୁଁ ମଧ୍ୟ ଗୀତ ଗାଇବାକୁ ଲାଗିଲି । ବିଶେଷକରି ଓଡ଼ିଆ ଭଜନଗୁଡ଼ିକୁ ଶୀଘ୍ର ମନେ ରଖି ଖୁବ୍ ସୁନ୍ଦର ଭାବେ ଗାଇ ଦେଉଥିଲି । କ୍ରମେ ମୁଁ କଳାମନ୍ଦିର ମ୍ୟୁଜିକାଲ ଆସୋସିଏଶନ ନାମରେ ଏକ ମ୍ୟୁଜିକାଲ୍ ଗ୍ରୁପ୍‌ରେ ଜଏନ୍ କଲି, ଯାହାର ଅର୍ଗାନାଇଜର୍ ଭାବେ ଏବେ ମୁଁ ଦାୟିତ୍ୱ ସମ୍ଭାଳୁଛି ।’’

ସତରେ ହିନ୍ଦୁ-ମୁସଲମାନ ଭାଇଚାରାର ଜଣେ ଜଣେ ନିଛକ ଉଦାହରଣ ହେଉଛନ୍ତି ଏମାନେ ।

*-ଅନ୍ୱିତା ମିଶ୍ର*

*ତଥ୍ୟ ଓ ଫଟୋ ସହାୟତା-*
*ପ୍ରଭାତ ପାଣିଗ୍ରାହୀ, ରାଜକିଶୋର ମହାନ୍ତି , ଜୟନାରାୟଣ ମେଣ୍ଡୁଲି*





# ମହାପ୍ରଭୁ ଦେଲେ ପରିଚୟ



**ବୟସ ସିନା ତାଙ୍କର କମ୍। ହେଲେ କଣ୍ଠ ଭାବରେ ଭରା। ଆଉ ସେ ଭାବ ଏମିତି ଯେ, ତାହା ସିଧାସଳଖ ଯୋଡ଼ିଦିଏ ମହାପ୍ରଭୁଙ୍କ ସହ। ଯେବେ ଯେବେ ସେ ଗାଆନ୍ତି 'ମୁଁ ଅନିଦ୍ରା ଆଖି ତୁ ଫୁଲ ବିଛଣା, ଝୁଣ୍ଟିଲା ପାଦ ମୁଁ ତୁ ଶେଷ ଠିକଣା...', 'ମୋ ଜଗା କାଳିଆରେ...' ଲକ୍ଷ ଲକ୍ଷ ଶ୍ରୋତା ହଜି ଯାଆନ୍ତି କାଳିଆ ପ୍ରେମରେ। ସେ ହେଉଛନ୍ତି ନୂଆ ପିଢ଼ିର ଗାୟକ 'ସୌରଭ ଭରଦ୍ୱାଜ'। ତାଙ୍କ ସମ୍ପର୍କରେ କିଛି...**

**ବା**ଲେଶ୍ୱର, ଶୁନହଟରେ ଘର। ବାପା ତପନ କୁମାର ଦାସ ବ୍ୟବସାୟ କରୁଥିଲେ, ମା' ପ୍ରିୟତମା ଗୃହିଣୀ। ଜେଜେମା' ଓ ପିଉସୀ ଥିଲେ ଶିକ୍ଷୟିତ୍ରୀ। ସମସ୍ତଙ୍କର ମୁଁ ବେଶ୍ ଗେହ୍ଲା। ବାବୁନା, ବୁବୁନ ଡାକରେ ଘର ଫାଟି ପଡୁଥିଲା। ହେଲେ ତୃତୀୟ ଶ୍ରେଣୀରେ ପଢ଼ିବାବେଳେ ହଠାତ୍ ଦିନେ ବାପା ହୃଦ୍‌ଘାତରେ ଚାଲିଗଲେ। ଆମ ଛୋଟିଆ ପୃଥିବୀଟି ସତେ ଯେମିତି ଓଲଟ ପାଲଟ ହୋଇଗଲା। ମାମା ପୂରା ଭାଙ୍ଗି ପଡ଼ିଥିଲେ। କ'ଣ ସବୁ ଘଟୁଥିଲା ବୁଝିବା ପାଇଁ ମୁଁ ବହୁତ ଛୋଟ ଥିଲି। ବାପାଙ୍କ ସ୍ନେହ କ'ଣ ବୁଝୁ ବୁଝୁ ମୁଁ ତାଙ୍କୁ ହରେଇଦେଲି। ଏବେ କେବଳ ଝାପ୍‌ସା ଝାପ୍‌ସା ମନେପଡେ ତାଙ୍କ କଥା।

**ତିନି ମା' ବଢ଼େଇଲେ:** ମାମା, ଜେଜେମା' ଓ ପିଉସୀ ପୁଣି ଥରେ ଅଣ୍ଟା ସଳଖିଲେ। ଜେଜେମା' ଓ ପିଉସୀଙ୍କ ରୋଜଗାରରେ ଘର ଚଳିଲା। ଜେଜେମା'ଙ୍କୁ ମୁଁ ବୋଉ ଡାକୁଥିଲି। ସେ ମୋର ବହୁତ ନିକଟତର ଥିଲା। ତାକୁ ମୁଁ ସାଇକେଲରେ ବସେଇ ବୁଲୁଥିଲି। ବହୁତ ସମୟ ତା'ସହ ବିତଉଥିଲି। ମାମା ତ ମୋ ସୁଖଦୁଃଖର ସାଥୀ। ଆଉ ପିଉସୀ ମତେ ପଢ଼ଉଥିଲେ। ତା'ସହ ବିଭିନ୍ନ ପ୍ରତିଯୋଗିତାକୁ ନିଜ ସାଇକେଲରେ ବସାଇକି ନେଉଥିଲେ। ଏମିତିରେ ତିନି ମା' ମୋ ପିଲାଦିନକୁ ମିଶି ଗଢ଼ିଲେ। କୌଣସି ଅଭାବ ଅସୁବିଧା କି ଦୁଃଖକଷ୍ଟ ଅନୁଭବ କରିବାକୁ ଦେଇ ନାହାନ୍ତି।

**ଦାସରୁ ଭରଦ୍ୱାଜ:** ମୋ ପ୍ରକୃତ ନାଁ ହେଉଛି ସୌରଭ ଦାସ। ଆମ ଗାଁରେ ଏଇ ନାଁରେ ବହୁତ ପିଲା ଥିଲେ। ସେଥିପାଇଁ ମୋ ନାଁକୁ କିଛି ଭିନ୍ନ କରିବା ଲାଗି ଜେଜେମା' ସ୍କୁଲରେ ମୋ ନାଁ ବଦଳେଇ ସୌରଭ ଭରଦ୍ୱାଜ କରିଦେଲେ। ଭରଦ୍ୱାଜ ହେଉଛି ଆମ ଗୋତ୍ର। ତାକୁ ସେ ସାଙ୍ଗିଆ କରିଦେଲେ।

**ସଙ୍ଗୀତ ଶିକ୍ଷା ଆରମ୍ଭ:** ଘରେ ସମସ୍ତେ ସଙ୍ଗୀତପ୍ରେମୀ। ବାପା ଅକ୍ଷୟ ମହାନ୍ତିଙ୍କ ଗୀତ ଭଲ ଗାଉଥିଲେ। ମାମା ଗୀତ ନ ଶିଖି ବି ସ୍ୱରରେ ଗାଇପାରୁଥିଲେ। ଆଉ ମୁଁ ଛୋଟବେଳୁ ଭଲ ଗାଉଥିଲି। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କାର ଜିତୁଥିଲି। ତେଣୁ ମତେ ଘର ପାଖ ସଙ୍ଗୀତ ଶିକ୍ଷକଙ୍କ ପାଖକୁ ଛାଡିଲେ ଗୀତ ଶିଖିବାକୁ। ମାମା ସବୁଦିନ ସକାଳୁ ପାଠ ପଢ଼ିବାକୁ କହୁ କି ନ କହୁ, ରିୟାଜ କରିବାକୁ କିନ୍ତୁ ବାଧ କରୁଥିଲେ। ଅଷ୍ଟମ ଶ୍ରେଣୀରେ ପଢ଼ିବାବେଳେ ରିୟାଲିଟି ଶୋ' 'ସିଙ୍ଗିଙ୍ଗ ସୁପରଷ୍ଟାର'ରେ ଭାଗ ନେଇଥିଲି। ସେଠୁ ମୁଁ ଅନେକ କିଛି ଶିଖିଲି।



ମା' ଓ ପିଉସୀଙ୍କ ସହ ସୌରଭ

**ପଢ଼ାରେ ଭଲ ଥିଲି:** ପାଠପଢ଼ାରେ ମୁଁ ବହୁତ ଭଲ ଥିଲି। କାହାକୁ କହିବାକୁ ପଡୁ ନ ଥିଲା ପଢେ ବୋଲି। ମୋର ପ୍ରିୟ ବିଷୟ ଥିଲା ଗଣିତ। ପରେ ଯୁକ୍ତ ୨ ସାରି ଫିଜିକ୍ସରେ ଗ୍ରାଜୁଏଶନ୍ କଲି। ବିଏଡ୍ ଓ ଏମ୍‌ସିଏ ବି କଲି।

**ପ୍ରଥମ ସୁଯୋଗ ରୋମାଣ୍ଟିକ ଗୀତରେ:** ଲକ୍ ଡାଉନ୍ ସମୟରେ ମୁଁ ଘରେ ଗୋଟେ ଗୋଟେ ଗୀତ ଗାଇ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରୁଥିଲି। ତା'ସହ ବାଲେଶ୍ୱରର ଇଏମ୍ ଷ୍ଟୁଡିଓରେ କଭର୍ ଶୁଟ୍ କରି ପୋଷ୍ଟ କରୁଥିଲି। ମୋ ପୋଷ୍ଟ ଦେଖି ସୋମେଶ ଶତପଥୀ ଭାଇ ତାଙ୍କ ଶର୍ଟ ଫିଲ୍ମ 'ବସ୍ତି'ରେ ଗାଇବାର ସୁଯୋଗ ଦେଲେ। ତା'ପରେ ପ୍ରେମ ଆନନ୍ଦ ସାର୍ ପ୍ରଥମ କରି ମତେ ବଡ଼ ପରଦାରେ ଗାଇବାର ସୁଯୋଗ ଦେଲେ। 'ମହାବାହୁ' ଓ 'ଓୟେ ଅଞ୍ଜଳି' ଫିଲ୍ମ ପାଇଁ ମୁଁ ଗୀତ ଗାଇଲି। ସବୁ ଗାୟକଙ୍କର ସ୍ୱପ୍ନ ଥାଏ ଦିନେ ବଡ଼ ପରଦାରେ ଗୀତ ଗାଇବେ। ଆଉ ତାକୁ ପ୍ରେମ ଆନନ୍ଦ ସାର୍ ପୂରଣ କରିଥିବାରୁ ତାଙ୍କ ପାଖରେ ମୁଁ ଚିରକୃତଜ୍ଞ। ରୋମାଣ୍ଟିକ ଗୀତରୁ ମୋର କ୍ୟାରିୟର ଆରମ୍ଭ ହୋଇଥିଲା।

**ପ୍ରଥମ ଭଜନ:** ୨୦୨୨ରେ ଗାଇଲି ପ୍ରଥମ ଭଜନ 'ହେ ଜଗା', ଯାହାର ମୁଖଡା ଥିଲା- 'ମୁଁ ଅନିଦ୍ରା ଆଖି ତୁ ଫୁଲ ବିଛଣା, ଝୁଣ୍ଟିଲା ପାଦ ମୁଁ ତୁ ଶେଷ ଠିକଣା'। ଅଭିଜିତ ତ୍ରିପାଠୀ ଏହାର ସଙ୍ଗୀତ ନିର୍ଦ୍ଦେଶକ ଥିଲେ ଓ ଲେଖିଥିଲେ ସିଲୁ ବିଭୁ। ଦିନେ ଅଭିଜିତ ଭାଇ ମୋତେ ଫୋନ କରି କହିଥିଲେ ଆଧୁନିକ ପିଢ଼ିଙ୍କୁ ନଜରରେ ରଖି ଏକ ସ୍ୱତନ୍ତ୍ର ପ୍ରକାରର କମ୍ପୋଜିଶନ୍‌ରେ ଜଗନ୍ନାଥଙ୍କ ଭଜନଟିଏ କରିଛି। ତାକୁ ତମେ ଗାଇବ। ଗୀତର ଲିରିକ୍ସ ମୋ ମନକୁ ଛୁଇଁ ଯାଇଥିଲା। ତା' ଛଡ଼ା ପ୍ରଥମ ଥର ପାଇଁ ମହାପ୍ରଭୁଙ୍କ ଗୀତ ଗାଇବାର ସୁଯୋଗ ପାଇଥିବାରୁ ମନା କରିବାର ପ୍ରଶ୍ନ ନ ଥିଲା। ଶେଷରେ ଗୀତଟିର ରେକର୍ଡିଂ ହେଲା। ମାମା କହିଥିଲା ରେକର୍ଡିଂ ପରେ ପୁରୀ ଯାଇ କଳା ଠାକୁରଙ୍କୁ ଦର୍ଶନ କରି ମହାପ୍ରଭୁଙ୍କୁ ଧନ୍ୟବାଦ ଦେବୁ। ତେଣୁ ରେକର୍ଡିଂ ସରିବା ପରେ ମୁଁ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କଲି। ହେଲେ ଦୁଃଖର ବିଷୟ ବର୍ଷେ ଯାଏ ଗୀତଟି ରିଲିଜ ହୋଇପାରି ନ ଥିଲା। ଆଉ ଯେତେବେଳେ ରିଲିଜ ହେଲା ତାହା ବି ମୁଁ ଜାଣି ପାରି ନ ଥିଲି। ଥରେ ଜଣେ ଫ୍ୟାନ୍ ସେଇ ଗୀତରେ ରିଲ୍‌ସ କରି ମତେ ଇନ୍‌ଷ୍ଟାଗ୍ରାମରେ ପଠେଇଥିଲେ। ତା'ପରେ ଯାଇ ମୁଁ ଜାଣିଲି ଗୀତଟି ରିଲିଜ୍ ହୋଇଛି ବୋଲି। ଆଉ ମୁଁ ଜାଣିବା ବେଳକୁ ଅଡିଓ ପ୍ଲାଟଫର୍ମରେ ତାହା ୨ ମିଲିୟନ ଭ୍ୟୁ ହୋଇଯାଇଥିଲା। ଏଇ ଗୀତରୁ ହିଁ ଲୋକେ ମୋତେ ଚିହ୍ନିଲେ ଓ ଭଲ ପାଇବା ଦେଲେ।

**ମୋ ଜଗା କାଳିଆ ଓ ଅନ୍ୟ ଜଗନ୍ନାଥ ଭଜନ:** ୨୦୨୪ରେ ମାତୃ ପ୍ରସାଦଙ୍କ କମ୍ପୋଜିଶନ ଓ ରଞ୍ଜନ ଭାଇଙ୍କ ଗୀତ 'ମୋ ଜଗା କାଳିଆ'ଗାଇବାର ସୁଯୋଗ ପାଇଲି। ଗୀତଟି ଖୁବ୍ ଲୋକପ୍ରିୟ ହେଲା। ମହାପ୍ରଭୁଙ୍କ କୃପାରୁ ଏହା ପରେ ଗୋଟେ ପରେ ଗୋଟେ ଜଗନ୍ନାଥଙ୍କ ଭଜନ ଗାଇବାର ସୁଯୋଗ ମିଳିଲା। ଆଉ ଭଜନ ଗାୟକର ପରିଚୟ ମିଳିଲା।

**ସବୁ ପ୍ରକାରର ଗୀତ ଗାଇବାକୁ ଚାହେଁ:** ଗାୟକ ହିସାବରେ ଗୀତ ଗାଇବାକୁ ମୁଁ ମୋ କର୍ତ୍ତବ୍ୟ ଭାବେ, ତେଣୁ ସବୁ ପ୍ରକାରର ଗୀତ ଗାଇବାକୁ ଚାହେଁ। ତେବେ ସେ ଗୀତ ମନକୁ ଛୁଇଁବା ଦରକାର।

**ମାମା ବାଛିବେ ଝିଅ:** ବାହା ହେବା ପାଇଁ ବୟସ ହୋଇନି, କି ମୋ ଲାଇଫରେ ସେମିତି କେହି ନାହାନ୍ତି। ଭବିଷ୍ୟତରେ ଯେବେ ବାହା ହେବି ମାମା ହିଁ ଝିଅ ବାଛିବେ। କାରଣ ମୁଁ ଯାହାକରେ ତାକୁ ପଚାରି କରେ।

**ମା'କୁ ମାଗେ ଟଙ୍କା:** ମୁଁ ଯାହା ରୋଜଗାର କରେ ସବୁ ମାମାକୁ ଦେଇଦିଏ। ଆଉ ତାକୁ ମାଗିକି ଖର୍ଚ୍ଚ କରେ।

**ପ୍ରିୟ ଖାଦ୍ୟ:** ପିଲାଟି ଦିନରୁ ମୁଁ କେବେ ବାହାରେ ରହିନି। ତେଣୁ ମତେ ଘର ଖାଇବା ବେଶି ଭଲ ଲାଗେ। ଘରେ ଆମର ପୂରା ସାତ୍ତ୍ୱିକ ତଥା ବିନା ପିଆଜ ରସୁଣ ଖାଦ୍ୟ ଖିଆଯାଏ। ମାମା ଯାହା ବି ରୋଷେଇ କରେ ସବୁ ଭଲ ଲାଗେ। ଏବେ ଭୁବନେଶ୍ୱରରେ ରହୁଛି। ମାମା ହାତରନ୍ଧାକୁ ମିସ୍ କରୁଛି। ଆଉ ବାଲେଶ୍ୱରିଆ ଭାବେ ମୁଢ଼ି ମୋର ଭାରି ପ୍ରିୟ।



**ଅବସରରେ:** ସମୟ ମିଳିଲେ କ୍ରିକେଟ ଖେଳିବା ଓ ସାଙ୍ଗସାଥୀଙ୍କ ସହ ବୁଲିବାକୁ ଭଲ ଲାଗେ। ବେଳେବେଳେ ଗୀତ ବି ଲେଖେ। ତାକୁ କମ୍ପୋଜ କରି ଗାଇ ୟୁଟ୍ୟୁବରେ ଅପଲୋଡ ବି କରିଛି।

**ଗାୟକ ନ ହୋଇଥିଲେ:** ଏମ୍‌ସିଏ କରିଛି। ତେଣୁ ଗାୟକ ନ ହୋଇଥିଲେ ଚାକିରି କରିଥାନ୍ତି।

**ଡରେ:** ମୋର ଡର ଥାଏ ଯେମିତି ମୋ ଦ୍ୱାରା କିଛି ଭୁଲ୍ କାମ ନ ହୁଏ, କି ମୋ ପାଇଁ କାହାର କିଛି କ୍ଷତି ନ ହୁଏ।


**କଥା ଶେୟାର କରେ:** ମାମାଙ୍କୁ ମୁଁ ଡରେ, ତା'ସହ ବହୁତ ଭଲ ବି ପାଏ। ତାକୁ ମୁଁ ସବୁକଥା ମନଖୋଲି ଶେୟାର କରିପାରେ।

**ଦୁର୍ବଳତା (ହସି ହସି):** ଦୁର୍ବଳତା କାହାକୁ କ'ଣ କୁହାଯାଏ। ତେବେ ପ୍ରକୃତ କଥା ହେଲା ସଙ୍ଗୀତ ହେଉଛି ମୋର ସବୁଠୁ ବଡ଼ ଦୁର୍ବଳତା।

–ଶିବାନୀ ମହାନ୍ତି


# ତବଲା ନିଶା ମୋ ପରିଚୟ ପାଲଟିଲା









**ପି**ଲାଟି ଦିନରୁ ତାଙ୍କର ସଙ୍ଗୀତ ପ୍ରତି ଥିଲା ଖୁବ୍ ଆଗ୍ରହ। କିନ୍ତୁ ସଙ୍ଗୀତ ଶିକ୍ଷା ପରିବର୍ତ୍ତେ ସେ ତବଲା ପ୍ରତି ମନବଳାଇଲେ। ଏମିତି ବାଦ୍ୟକଳା ନିଶାରେ ସେ ପଡ଼ିଗଲେ ଯେ ଆଉ ପଛକୁ ଫେରି ନ ଥିଲେ ବରଂ ସେହି ଗୀତ ଓ ବାଦ୍ୟ ଶିକ୍ଷା ତାଙ୍କୁ ନିଶାରୁ ପେସାକୁ ବାଟ ଦେଖାଇଲା। ଆଉ ଜଣେ ତବଲା ବାଦକର ପରିଚୟ ଦେଲା। ସେ ହେଲେ **କୁଳମଣି ସାହୁ** ଜନ୍ମ ତା ୮।୨।୧୯୬୯ରିଖ ରେ। ମାତା ମଲ୍ଲୀ ସାହୁ, ପିତା ବୃନ୍ଦାବନ ସାହୁ । ଘର ଯାଜପୁର ଜିଲାର ଛତିଆ ନିକଟସ୍ଥ ଚମ୍ପାପୁରରେ। ସେ କୁହନ୍ତି, 'ସେତେବେଳେ ମୋ ବାପା ଟାଙ୍ଗୀ- ଚୌଦ୍ୱାର ସ୍ଥିତ ଓଟିଏମ୍ ହାଇସ୍କୁଲରେ ଶିକ୍ଷକତା କରୁଥିଲେ। ବାପା ଆମ ତିନି ଭାଇଙ୍କୁ ଖୁବ ଭଲପାଉଥିଲେ। ପିଲାଦିନେ ମୁଁ ଆମ ଗାଁ ଆଖଡ଼ାଶାଳରେ ସଂକୀର୍ତ୍ତନ ଦଳରେ ଗୀତ ଗାଇବା ସହିତ ବାଜା ବଜାଉଥିଲି। ମୋର ମୃଦଙ୍ଗ ବଜେଇବା ଦେଖି ବାପା ମୋତେ ସାତବର୍ଷ ବୟସରୁ ଗୁରୁ ଗଙ୍ଗାଧର ଜେନାଙ୍କ ନିକଟକୁ ଗାୟନ ଶିକ୍ଷା ପାଇଁ ନେଉଥିଲେ। ସେଠାରେ ମୁଁ ନୃତ୍ୟ ଓ ବାଦ୍ୟରେ ତାଲିମ ପାଇଲି। ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ ଥରେ ଆମ ସ୍କୁଲ ତରଫରୁ ଲିଙ୍ଗରାଜ ମନ୍ଦିର ବୁଲିବାକୁ ଭୁବନେଶ୍ୱର ଆସିଥିଲୁ। ସେତେବେଳେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ କିଛି ସମୟ ରହିଥିଲୁ। ଏଠାରେ ଆମମାନଙ୍କୁ ସଙ୍ଗୀତ ଗୁରୁ ଭଜନ ସମ୍ରାଟ ଭିକାରୀ ବଳ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସର ବୁଲେଇ ଦେଖେଇଥିଲେ। ତାହା ଦେଖି ମୋ ମନ ଭିତରେ ବାଦ୍ୟଯନ୍ତ୍ର ଶିକ୍ଷା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥିଲା। ସେବେଠାରୁ ଏହି କ୍ଷେତ୍ରରେ କିପରି ଅଧିକ ଆଗକୁ ଯିବି ସେ ଚିନ୍ତା ଘାରିଥିଲା। କିନ୍ତୁ ଗଙ୍ଗାଧର ସାର୍‌ଙ୍କ ଘରେ ଯେତେବେଳେ ଓଡ଼ିଶୀ ଶିକ୍ଷା କରୁଥିଲି ସେଠି ଗୀତଠାରୁ ତବଲା ବଜେଇବାରେ ଅଧିକ ଖୁସି ହେଉଥିଲି। ସଙ୍ଗୀତ, ଓଡ଼ିଶୀନୃତ୍ୟ ପରିବର୍ତ୍ତେ ତବଲା ପ୍ରତି ଅଧିକ ଆଗ୍ରହ ହେଲି। ଏଥିଯୋଗୁ ପାଠପଢାରେ ସେଭଳି ମନ ଲାଗିଲା ନାହିଁ। ଯାହା ହେଉ ୧୯୮୫ରେ ଟାଙ୍ଗୀ- ଚୌଦ୍ୱାର ସ୍ଥିତ ଓଟିଏମ୍ ହାଇସ୍କୁଲରେ ଦଶମ ଶ୍ରେଣୀ ପାସ୍ କରିବା ପରେ ୧୯୮୬ରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସଙ୍ଗୀତ ଶିକ୍ଷା ପାଇଁ ନାମ ଲେଖାଇଲି। ବାଦ୍ୟଯନ୍ତ୍ର ଶିକ୍ଷା ପାଇଁ ମନରେ ବେଶି ଆଗ୍ରହ ଥାଏ। ତା'ପରେ ଗୁରୁ କୁଳମଣି ଜେନା ଓ ଗୁରୁ ଉମେଶ ଚନ୍ଦ୍ର କରଙ୍କ ତତ୍ତ୍ୱାବଧାନରେ ତବଲା ବାଦନ ଶିକ୍ଷା ଗ୍ରହଣ କଲି। ୧୯୯୪ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ସଙ୍ଗୀତରେ ସ୍ନାତକୋତ୍ତର ଉପାଧି ଅର୍ଜନ କରିଲି। ୧୯୯୫ରେ ସଙ୍ଗୀତ ଅଲଙ୍କାରରେ ମାଷ୍ଟର ଡିଗ୍ରୀ ଇନ୍ ତବଲା ହାସଲ କଲି। ଏଥିପାଇଁ ଓଡ଼ିଶା ସରକାରଙ୍କଠାରୁ ଛାତ୍ର ବୃତ୍ତି ଲାଭକରିଥିଲି। ପରେ କଲିକତା ଯାଇ ଉସ୍ତାଦ ସାବିର ଖାନ୍‌ଙ୍କ ନିକଟରେ ଅଧିକ ପ୍ରଶିକ୍ଷଣ ପାଇଲି। ମୃଦଙ୍ଗ ବିଦ୍ୱାନ କେ. ସୂର୍ଯ୍ୟନାରାୟଣଙ୍କ ନିକଟରୁ ମୃଦଙ୍ଗର ମୂଳ ଜ୍ଞାନ ସମ୍ପର୍କରେ ଶିକ୍ଷା ଲାଭ କରିଥିଲି। ୧୯୯୬ରେ ଆକାଶବାଣୀ ନୂଆଦିଲ୍ଲୀ ଦ୍ୱାରା ଏମ୍‌ଏବି ଖ ଉଚ୍ଚଶ୍ରେଣୀର ତବଲା ବାଦକ ଭାବେ ସ୍ୱୀକୃତି ପାଇଲି। ୧୯୯୯ରୁ ଭାରତ ସରକାରଙ୍କ ସୂଚନା ପ୍ରସାରଣ ମନ୍ତ୍ରାଳୟ ଗୀତ ଓ ନାଟକ ପ୍ରଭାଗରେ ବରିଷ୍ଠ ବାଦକ ଭାବରେ ଯୋଗଦାନ କରିଥିଲି। ୨୦୧୮ ମସିହାରୁ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ସୂଚନା ପ୍ରସାରଣ ମନ୍ତ୍ରାଳୟ ଭାରତ ସରକାରଙ୍କ ଭୁବନେଶ୍ୱର ଶାଖାରେ କାର୍ଯ୍ୟରତ। ଏବେ ଓଡ଼ିଶା ତବଲା ଏକାଡେମୀ ଓ ରାଓ୍ୱା ଏକାଡେମୀରେ ଅନଗ୍ରସର ପ୍ରଭାବଶାଳୀ ଛାତ୍ରୀଛାତ୍ରମାନଙ୍କୁ ନିଃଶୁଳ୍କ ଶିକ୍ଷାଦାନ କରିଥାଏ।ତବଲା ଶିକ୍ଷାବେଳେ ପ୍ରଥମେ ଗୀତକୁ ଅନୁସରଣ କରି ବାଦ୍ୟ ବାଦନ କରିଥାଉ। ତା'ପରେ ବାଦ୍ୟର ତାଳକୁ ଅନୁସରଣକରି ନୃତ୍ୟ କରାଯାଇଥାଏ। ଏହି ତିନୋଟିର ସମିଶ୍ରରେ ହିଁ ସଙ୍ଗୀତ ହୋଇଥାଏ। ସଙ୍ଗୀତ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫୁଲ୍ଲ କର ଓ ଚିର ସବୁଜ ଅକ୍ଷୟ ମହାନ୍ତିଙ୍କ ସହିତ ଗୀତରେ ତବଲା ବାଦନ କରିଛି। ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଦାସଙ୍କର ଚଳଚ୍ଚିତ୍ର 'ଆକାଶେ କି ରଙ୍ଗ ଲାଗିଲା'ରେ ବଲିଉଡ ଗାୟକ ସୁରେଶ ଓ୍ୱାଡେକରଙ୍କ ଗୀତ-'ଦୂରେ ଚାଲିଯାଏ ମାୟା ଲଗାଇ...' ତଥା ନମିତା ଅଗ୍ରଓ୍ୱାଲଙ୍କ 'କାହ୍ନୁରେ କାହ୍ନୁରେ ବଜାନା ତୁ ବଇଁଶୀରେ' ଗୀତରେ ତବଲା ବାଦନ କରିଥିଲି। ଓଡ଼ିଶାର ସବୁ ଜିଲାରେ ପ୍ରାୟ ଏକ ହଜାରରୁ ଅଧିକ ସ୍ଥାନରେ କାର୍ଯ୍ୟକ୍ରମ କରିଛି। ଏଥି ସହିତ 'ତବଲା ଶବ୍ଦକୋଷ' ନାମରେ ଏକ ପୁସ୍ତକ ରଚନା କରିଛି। ଭାରତ ସରକାରଙ୍କ ସଙ୍ଗୀତ ନାଟକ ବିଭାଗରେ ୧୯୯୯ମସିହାରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଆସୁଛି। ଆକାଶବାଣୀ ଓ ଦୂରଦର୍ଶନରେ ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଶାସ୍ତ୍ରୀୟ ତବଲା ବାଦନ କରିଛି। ଅନେକ ଦେଶାତ୍ମବୋଧକ ସଙ୍ଗୀତ ପାଇଁ ତବଲା ବାଦନ କରିଛି। ପଦ୍ମ ବିଭୂଷଣ ପଣ୍ଡିତ ହରି ପ୍ରସାଦ ଚୌରାସିଆଙ୍କ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ରରେ ବିଭିନ୍ନ ବଡ଼ ବଡ଼ ମଞ୍ଚରେ ତାଙ୍କ ସହିତ ତବଲା ବାଦନ କରିଛି। ଏହାବାଦ ରାଜାରାଣୀ ଉତ୍ସବରେ, ବିଶ୍ୱ ସଙ୍ଗୀତ ଦିବସରେ ସଙ୍ଗୀତ ନାଟକ ଏକାଡେମୀରେ, ତ୍ରିଧାରା କ୍ଲାସିକାଲ ମ୍ୟୁଜିକ ଫେଷ୍ଟିଭାଲରେ, ଜାତୀୟ କାର୍ଯ୍ୟକ୍ରମ ଆକାଶବାଣୀ କଟକ ଓ ଦୂରଦର୍ଶନ କେନ୍ଦ୍ରରେ, ବସନ୍ତ ହାଓ୍ୱା ମ୍ୟୁଜିକ ଫେଷ୍ଟିଭାଲ ନୃତ୍ୟଗ୍ରାମରେ ତବଲା ବାଦନ କରିଛି। ଏଥିପାଇଁ ମତେ ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ କରାଯାଇଛି। ଯାହା ମଧ୍ୟରେ ରହିଛି- କଳାଭୂମି, ତବଲା ଗୌରବ ତାଲ ଦରବାର, ମହ୍ଲାର ସମ୍ମାନ, ସୁର ତରଙ୍ଗ ବାଦ୍ୟ ବିଶାରଦ ସମ୍ମାନ, ନବକୁମାର ସଂସ୍କୃତି ସମ୍ମାନ, ଶିଳ୍ପୀ ଶାରଳା ସଙ୍ଗୀତ ସମ୍ମାନ, ଚନ୍ଦ୍ରଶେଖର ସମ୍ମାନ ଆଦି। ମୋର ଜୀବନରେ ଘଟିଥିବା ଅନେକ ଘଟଣା ମଧ୍ୟରୁ ଗୋଟିଏ କଥା ଭୁଲିପାରେନା। ୨୦୧୪ରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଭାରତର ତତ୍‌କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଗହଣରେ ଓଡ଼ିଶାର ବହୁ ବିଶିଷ୍ଟ ପ୍ରତିଭାବାନ ବ୍ୟକ୍ତିଙ୍କ ଉପସ୍ଥିତିରେ ତବଲା ବାଦନର ପରିକଳ୍ପନା ଓ ନିର୍ଦ୍ଦେଶନା ଦେଇ ପ୍ରଶଂସିତ ହେବା ମୋ ପାଇଁ ସୌଭାଗ୍ୟଥିଲା।

**-ବନବିହାରୀ ବେହେରା**






# କୁସୁମ

– ଜିତେନ୍ଦ୍ର ପରିଡ଼ା

ବିକାଶ ସକାଳ ବସ୍‌ରେ ସହରରୁ ଗାଁକୁ ଆସିବା କଥା । ସବୁ କାମ ତୁଟେଇଲା ବେଳକୁ ସଞ୍ଜ ହୋଇଗଲା । କ'ଣ କରିବ ? ଗାଁକୁ ଯିବା ବି ଜରୁରୀ । ତେଣୁ ସେ ଛଅଟା ବେଳ ବସ୍‌ରେ ବସିଲା । ଏ ବସ୍‌ଟା ଗାଁକୁ ଯାଏ ନାହିଁ । ଗାଁଠାରୁ ୫କି.ମି. ଦୂର ମନୋହରପୁରରୁ ଅନ୍ୟ ରାସ୍ତା ଦେଇ ପଳେଇଯାଏ । ଛଅଟା ବେଳେ ଛାଡ଼ିଲେ ଆଠଟାରେ ମନୋହରପୁରରେ ପହଞ୍ଚେ । ସେଠୁ ୪କି.ମି. ଚାଲିଲେ ଅତିକମ୍‌ରେ ୨/୩ ଘଣ୍ଟା ଲାଗିଯାଏ ଗାଁ ନଈ ପାଖକୁ ତା'ମାନେ ନଈପଠାରେ ପହଞ୍ଚିବା ବେଳକୁ ରାତି ଦଶ କି ସାଢେ ଦଶ । ମାଛି ଅନ୍ଧାର କଟି ରାତିର ସାନ୍ଦ୍ରତା ବଢ଼ି ଅଧିକ ଅନ୍ଧାର ଦିଶିଲାଣି । ବିକାଶ ଆକାଶକୁ ଚାହିଁଲା ଆକାଶରେ ନା ଜହ୍ନ ନା ତାରା । କୃଷ୍ଣ ପକ୍ଷ ଚାଲିଛି ବୋଧହୁଏ । ରାସ୍ତା ନିଛାଟିଆ, ଝିଙ୍କାରୀର ଝିଂ ଝିଂ ଶବ୍ଦ ସାଙ୍ଗକୁ ବିଲୁଆଙ୍କ ହୁକେହୋ ହୁକେହୋ ଶବ୍ଦରେ ବିକାଶ ଚମକି ପଡ଼ି ଛାତିରେ ଛେପ ପକାଇ ମୋବାଇଲ ଖୋଲିଲା ହନୁମାନ ଚାଳିଶା ଶୁଣିବା ପାଇଁ । ରାତି ସାଢ଼େ ଦଶରେ ନଈପଠା କୁଡ଼ିଆରେ ନାଉରିଆ ଥିବ ନା ତା' ଘରକୁ ପଳେଇଯାଇଥିବ ସେ ଚିନ୍ତା ବିକାଶକୁ ଗୋଳେଇ ମାରୁଥିଲା । ଏତିକିବେଳେ ଦୋମୁହାଣୀ ଛକରୁ କିଏ ଜଣେ ନାରୀ ବାହାରି ତାକୁ କହିଲା, ବିକି ଭାଇ ! ଏବେ ଆସିଲକି ? ଆସିବାରେ ଡେରି କରିଦେଲ, ହଉ ମୋ ପଛେ ପଛେ ଆସ । ବିକାଶ ଭାବୁଥିଲା, ଏହା ତା'ର ଭ୍ରମ ନା ପ୍ରକୃତରେ କିଏ ତାକୁ ଡାକୁଛି । ନାରୀଟି ପୁଣି କହିଲା, ଡେରିର କାରଣ ମୋତେ କହିବନି ମୁଁ ଜାଣେ, କାହିଁକି ବା କହିବ ମୁଁ ତମର କିଏ କି ? ଭୟ ସହ ଏ ନାରୀର କଥା ତାକୁ ବଡ଼ ଦ୍ୱନ୍ଦ୍ୱରେ ପକେଇଲା । ଶୂନ୍‌ଶାନ୍ ରାସ୍ତା ଦୁଇକଡ଼ରେ ଛୋଟବଡ଼ ଗଛମାନଙ୍କ ଭିଡ଼, ଅନ୍ଧାରୁଆ ଆବୁଡ଼ା ଖାବୁଡ଼ା ରାସ୍ତାରେ ବିକାଶ ବଡ଼ ସତର୍କତାର ସହ ଆଗଉଥାଏ । ନଈପଠାରେ ପହଞ୍ଚିବା ପରେ ନାରୀ ଜଣଙ୍କ କହିଲା, ତମେ ଏଇଠି ଅପେକ୍ଷା କର ମୁଁ ନାଉରିଆ ସନାକୁ ଡାକେ । ବିକାଶ ଆହୁରି ଅଧିକ ଆଶ୍ଚର୍ଯ୍ୟଚକିତ ହେଲା, ଇଏ ନାଉରିଆ ସନାର ନାଁ ଜାଣିଲା କେମିତି ? କିଛି ସମୟ ପରେ ସନାର ସ୍ୱର ଶୁଭିଲା, ବିକିବାବୁ ! ଦଣ୍ଡେ ଥୟ ଧର ମୁଁ ଏଇ ସାଙ୍ଗେ ସାଙ୍ଗେ ଯାଉଛି । ସନା ବିକି ପାଖରେ ପହଞ୍ଚି କହିଲା, ହଁ , ଡଙ୍ଗାରେ ବସ ଆଉ କୁସୁମ ଗଲା କୁଆଡ଼େ ? ବିକି ପଚାରିଲା କୋଉ କୁସୁମ ! ସନା କହିଲା, କି କଥା କହୁଛ ମ ବିକିବାବୁ ? ତମ ଗାଁ ରାଉତଘର କୁସୁମକୁ ତମେ ଜାଣିପାରୁନ ? ଆରେ ସିଏ ପରା ଏବେ ଯାଇ ମୋତେ କହିଲା ତମେ ଘାଟରେ ଅପେକ୍ଷା କରିଛ, ସେଇଥିପାଇଁ ତ ମୁଁ ତରତର ହେଇ ଧାଇଁଛି । କୁସୁମର ନାଁ ଶୁଣି ବିକାଶ ହଠାତ୍ ରହିଗଲା । ତା'ଠୁ ଗୋଟେ ତଳ ଶ୍ରେଣୀରେ ପଢୁଥିଲା କୁସୁମ । ବେଳେବେଳେ ପାଠ ବୁଝିବାକୁ ଆସୁଥିଲା । ଭାରି ଭଲ ବି ପଢୁଥିଲା । ଥରେ ସେ ଚିଠିଟିଏ ବିକାଶକୁ ଦେଇ କହିଥିଲା, ବିକିଭାଇ ତମେ ସହରକୁ ଯିବ, ପାଠପଢ଼ି ଚାକିରି କରିବ, ହେଲେ ମୋତେ ଭୁଲିବନି । ତମେ ଘରେ ଆସି ମୋ ବିଷୟରେ କହିବା ଯାଏ ମୁଁ ତୁମକୁ ସେମିତି ଅପେକ୍ଷା କରିଥିବି । ବିକାଶ ବି କୁସୁମକୁ କଥାଦେଇ ଯାଇଥିଲା । କୁସୁମ କଥା ଭାବୁଭାବୁ ଡଙ୍ଗା ଆସି କୂଳରେ ଲାଗିଯାଇଥିଲା । ଡଙ୍ଗାରୁ ଓହ୍ଲାଇ ଯିବାବେଳେ ଦୂର ବରଗଛ ତଳେ ଚିତା ଜଳୁଥିବାର ଦେଖିଲା ବିକାଶ । ମନରେ ଛନକା ପଶିଲା, ଜୋର୍‌ରେ ପାଦ ପକାଇ ଚାଲିବାକୁ ଲାଗିଲା । ବାଟରେ ଚଉକିଆ ବେଙ୍ଗ ଦେଖାହେଲା । ବିକାଶ ବେଙ୍ଗକୁ ପଚାରିଲା ନଈପଠା ଶ୍ମଶାନରେ କାହାର ଚିତା ଜଳୁଛି କି ? ବେଙ୍ଗ କହିଲା, ରାଉତଘର କୁସୁମର । ବିଚାରୀ ..ବାହାହେବାକୁ କେତେ ମନା କରୁଥିଲା । ବାପାମା' ଜିଦ୍‌କରି ଗୋଟେ ଦୋଭେଇବର ସହ ତା'ବାହାଘର କରିଦେଲେ । ସେଇଟା ମଣିଷ ନୁହେଁ ତ ଗୋଟେ ଅମଣିଷ । ନିତିଦିନ ଏ କୁସୁମଟା ଉପରେ ଅତ୍ୟାଚାର କରି ଚାଲିଥିଲା । ଝିଅଟା ବାପଘରକୁ ଜଣେଇଲା । ଏମାନେ ଦେଲା ନାରୀ ହେଲା ପାରି ନ୍ୟାୟରେ ଚୁପ୍ ରହିଲେ । କୁସୁମଟା ଶେଷରେ ଗାଁ ନଈପଠା ବରଗଛରେ ଲୁଗାକାନିକୁ ଫାଶକରି ଜୀବନ ହାରିଦେଲା । ଏ ଅଲାଜୁକ ବାପ ଏଇ ତିନିଘଣ୍ଟା ତଳେ ତା' ଚିତା ଜଳେଇଦେଇ ଆସିଛି । ସବୁ ଶୁଣି ବିକାଶ ଗୁମ୍ ମାରିଗଲା । ପାଦକୁ କୌଣସି ପ୍ରକାରେ ଘୋଷାରି ଘୋଷାରି ଘରେ ପହଞ୍ଚିଲା । ମା' କବାଟ ଖୋଲି ତାକୁ ଆଗେ ଲେମ୍ବୁ ଲଙ୍କା ଗଙ୍ଗାଜଳରେ ଝଡ଼ାଫୁଙ୍କା କରି ପଚାରିଲା, ଏତେ ରାତିରେ ଆସିଲୁ କୋଉଠି ଚମକା ଚମକି କରିଛୁକି ? ବିକାଶ ପଚାରିଲା, କାହିଁକି କ'ଣ ହେଲାକି ? ନାଇଁଯେ କୁସୁମଟା ଆଜି ଚାଲିଗଲା ତ ତୋତେ କେତେ ଭଲ ପାଉଥିଲା କାଳେ ତୋ ଦେହକୁ ଆବୋରି ବସିଥିବ ସେଇଟା ମୋର ଡର ।

ମା' କେମିତି ଜାଣିବ ଯେ କୁସୁମ ତାକୁ କେତେ ଭଲ ପାଉଥିଲା ? ଯେଉଁଥିପାଇଁ ତା' ଆତ୍ମାର ଡାକରେ ସେ ଆଜି ଗାଁକୁ ଆସିଛି ଆଉ ବାଟସାରା କୁସୁମ ହିଁ ତା' ସାଙ୍ଗରେ ଥିଲା । ବିକାଶ ଲୁଗାପଟା ବଦଳେଇ ବାରିପଟ କୂଅ ଚାନ୍ଦିନୀ ଉପରେ ବସି କାନ୍ଦିବାକୁ ଲାଗିଲା । ଇଚ୍ଛା ହେଉଥିଲା ନଈପଠାକୁ ଧାଇଁଯାଇ କୁସୁମର ଚିତା ପାଖରେ ବସି ମନଭରି ଭୋ ଭୋ କାନ୍ଦିବାକୁ । ଆଉ ତା'ଠୁ କ୍ଷମା ମାଗିନେବାକୁ । ଆକାଶକୁ ଅନେଇ ଅଦୃଷ୍ଟ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି କହିଲା, ହେ ଈଶ୍ୱର ! ତମେ ଯଦି ପ୍ରକୃତରେ ଅଛ ବିଚାରୀ କୁସୁମକୁ ଏ ଆତ୍ମହତ୍ୟା ପାପରୁ କ୍ଷମାକରି ତା' ଅତୃପ୍ତ ଆତ୍ମାକୁ ମୁକ୍ତି ଦେଇଦିଅ । ତା' ବଦଳରେ ମୋତେ ଯାହା ଶାସ୍ତିଦେବ ଦିଅ । ଆଉ କୁସୁମ, ମୁଁ ତୋ ପାଖରେ ଅପରାଧୀ । ତୁ ମୋତେ ଶାସ୍ତି ଦେବୁ କି କ୍ଷମା କରିଦେବୁ ସେଇ କଥାଟା ମୁଁ ତୋ' ଉପରେ ଛାଡ଼ିଦେଉଛି । କେଉଁଠି ଥିଲା ଦଲକାଏ ଶୀତଳ ପବନ ବିକାଶର ଦେହକୁ ଛୁଇଁଗଲା... ବିକାଶକୁ ଲାଗିଲା ସତେ ଯେମିତି କୁସୁମ କହିଦେଇଗଲା, ମୁଁ କ'ଣ ତମ ଉପରେ କେବେ ରାଗିପାରେ ବିକି ଭାଇ !

*–ଶରତ କୁଟୀର, ଧୋବାଡିହା ମାଝୀସାହି ଛକ,*
*କେନ୍ଦୁଝର, ମୋ: ୯୪୩୭୦୦୬୧୯୬*





# ମୋ ଗୁଡ଼ି

–ଧରଣୀ ତ୍ରିପାଠୀ

ମନେ ପଡ଼େ କେବେ କେବେ
ସେଦିନର ସନ୍ଧ୍ୟାର ବେଳ,
ଖୋଲା ନଦୀପଠା, ନୀଳ ଆକାଶ
ଆଉ ମୋ ପିଲାଦିନ ।

ଉଡ଼ି ଉଡ଼ି ଯାଉଥିଲା ଗୁଡ଼ି
ମୁଁ ଧରିଥିଲି ଡୋରି,
ସତେ କି ଉଡ଼ାଉଥିଲି ବିଜୟ ଧ୍ୱଜା
ପୂରା ଆକାଶକୁ ଜୟକରି ।

ହଠାତ୍ ଆସିଲା ଝଡ଼
ଛିଣ୍ଡିଗଲା ମୋ ଗୁଡ଼ି,
ପବନ ନେଲା ଯେଉଁ ଦିଗେ
ସେ ଦିଗେ ଗଲା ଉଡ଼ି ।

ପବନ ଉଡ଼ାଇ ତାକୁ
ଦେଇଥିବ କାହା ହାତେ ନେଇ,
ହଜିଯିବା ଯାଏ ରହିଥିଲି ଚାହିଁ
ଭିଜାଇ ପଲକ ଦୁଇ ।

ଭ୍ରମ ଥିଲା,
ସାରା ଆକାଶଟା ମୋର,
ଝଡ଼ ପରେ ଜାଣିଲି ....
ଚେନାଏ ଆକାଶ ବି ନ ଥିଲା ମୋର ।
ଯେଉଁ ଗୁଡ଼ିଟିକୁ ଭାବି ଥିଲି ନିଜର,
ତା' ଉପରେ ବି ଥିଲା ଝଡ଼ର ଅଧିକାର ।

*–୩୨ ପ୍ରାଇଭେଟ୍ କଲୋନୀ,*
*ଶ୍ରୀନିବାସ ପୁରୀ, ନୂଆଦିଲ୍ଲୀ*
*ମୋ: ୯୮୧୯୫୫୦୨୭୯*



# ଅଲରାଉଣ୍ଡର ଅନୁପମ



ଅନୁପମ ଖେର ଅଭିନୟରେ କେତେ ପାରଙ୍ଗମ ତାହା ସମସ୍ତେ ଜାଣନ୍ତି । ଭୂମିକା ଯାହା ହେଉ ନା କାହିଁକି ତାହାକୁ ତୁଲାଇବାରେ ସେ ବେଶ୍ ସିଦ୍ଧହସ୍ତ । କଥାରେ ଅଛି ତୁଳସୀ ଦୁଇ ପତ୍ରରୁ ବାସେ । ଅନୁପମ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କୁ ହୋଇଥିଲା ମାତ୍ର ୨୮ ବର୍ଷ । ସେ ଅଭିନୟ କରିଥିବା ପ୍ରଥମ ସିନେମାଟି ଥିଲା 'ସାରାଂସ' । ହେଲେ ଏହି ଫିଲ୍ମ ପଛରେ ଏକ ରୋମାଞ୍ଚକର କଥା ଲୁଚି ରହିଛି । ଏଥିରେ ତାଙ୍କୁ ଜଣେ ୬୫ ବର୍ଷ ବୟସ୍କ ବୃଦ୍ଧ ଭୂମିକାରେ ଅଭିନୟ କରିବାକୁ ପଡିଥିଲା । ଯେତେବେଳେ ସେ ଏ ବିଷୟରେ ଜାଣିଲେ ଆଦୌ ବିବ୍ରତ ହୋଇ ନ ଥିଲେ କାରଣ ତାଙ୍କର ନିଜ ଉପରେ ଦୃଢ଼ ବିଶ୍ୱାସ ଥିଲା । ଆଉ ପ୍ରଥମ ସିନେମାରେ ହିଁ ସେ ପ୍ରମାଣ କରି ଦେଇଥିଲେ ଯେ ବୟସ ତୁଳନାରେ ଜଣେ ସବୁପ୍ରକାର ରୋଲ ତୁଲାଇ ପାରିବ । କିନ୍ତୁ ବଲିଉଡ୍‌ରେ ନିଜ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡି ନ ଥିଲା । ଏପରି କି ଥରେ ସେ ସାରା ରାତି ଏକ ରେଲୱେ ପ୍ଲାଟଫର୍ମରେ କଟାଇଥିଲେ । ବର୍ତ୍ତମାନ ସୁଦ୍ଧା ସେ ପ୍ରାୟ ୫୦୦ ଫିଲ୍ମରେ ଅଭିନୟ କରି ସାରିଲେଣି । ଆଉ ଆଜି ସେ ଅନେକ ନବାଗତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି । ଅନୁପମ ନିଜ କ୍ୟାରିୟରରେ ଦୁଇ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଛନ୍ତି । ବର୍ତ୍ତମାନ ସେ ଏକ ଆକ୍ଟିଂ ସ୍କୁଲ ଖୋଲି ନୂଆ ନୂଆ କଳାକାର ସୃଷ୍ଟି କରୁଛନ୍ତି । ଭାରତ ବର୍ଷରେ ଏହି ଅନୁଷ୍ଠାନର ଚାହିଦା ଏବେ କାହିଁରେ କେତେ । ତା'ସହ କେତେକ ଟିଭି ଶୋ'ର ସଞ୍ଚାଳନ କରି ସେ ଅନେକ ପ୍ରଶଂସା ସାଉଁଟିଛନ୍ତି ।

# ଅପେକ୍ଷା ଶୁଭ ଦିନକୁ

ପ୍ରଯୋଜକ କମଳ ଲୋଚନ ସାହୁଙ୍କ ନୂଆ ସିନେମା 'ସାର୍' ଏବେ ରିଲିଜ ଅପେକ୍ଷାରେ ରହିଛି । ଏକ ଭିନ୍ନଧରଣର କାହାଣୀକୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି । କାହାଣୀ ଅନୁସାରେ ଅଗଣି ମହାନ୍ତି ଜଣେ ଶିକ୍ଷକ । ସ୍କୁଲକୁ ଆସୁ ନ ଥିବା ପିଲା କିମ୍ବା ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ମଣିଷ କରିବାକୁ ସେ ଲାଗିପଡନ୍ତି । ସମୟକ୍ରମେ ଦୁଇଟି ପିଲା ରମେଶ ଛୋଟରାୟ ଏବଂ ମୁରଲୀ ନାୟକ ତାଙ୍କ ପାଖରୁ ପାଠ ପଢ଼ି ଭଲ ଚାକିରି କରନ୍ତି । ପରବର୍ତ୍ତୀ ସମୟରେ ସେମାନେ ସାର୍‌ଙ୍କୁ ଖୋଜିବାକୁ ଯାଆନ୍ତି । ସେତେବେଳକୁ ଅଗଣି ସାର୍ କିପରି ଅବସ୍ଥାରେ ଥାଆନ୍ତି ଏବଂ ଏହି ଦୁଇଜଣ ତାଙ୍କୁ କିପରି ସାହାଯ୍ୟ କରନ୍ତି ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ । ଏହାର ଲିଡ୍ ରୋଲ୍‌ରେ ଅଭିନୟ କରୁଛନ୍ତି ଅଭିଷେକ ରଥ ଓ ତାଙ୍କର ନାୟିକା ସାଜିଛନ୍ତି ଆର୍ଲିନ ଅଙ୍କିତା । କମଳ ଲୋଚନ ମଧ୍ୟ ଏହାର କାହାଣୀ ଏବଂ ସଂଳାପ ଲେଖିଛନ୍ତି । ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କେଶବ ମଲ୍ଲିକ । ଗୀତଗୁଡିକୁ ରଚନା କରିଛନ୍ତି ଡ. ଦେବଦାସ ଛୋଟରାୟ, ଡା. ନିର୍ମଳ ନାୟକ, ଡା. କମଳ ଲୋଚନ ସାହୁ ଏବଂ ଡା. ଅଶୋକ ରାୟ । ସ୍ୱର ସଂଯୋଜନା କରିଛନ୍ତି ଆରୋହୀ ଅଜିତା । କଣ୍ଠଦାନ କରିଛନ୍ତି ଅଭିଜିତ ମଜୁମଦାର, ଅନନ୍ୟା ଶ୍ରୀତମ ଦାସ, ଏସ. ଜିତୁ, ବିଷ୍ଣୁମୋହନ କବି, ରଶ୍ମୀରେଖା ମିଶ୍ର, ଶୁଭଶ୍ରୀ ପାଣି ଏବଂ ସୌମ୍ୟଜିତ ସାମନ୍ତରାୟ । କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଏମ. ମୁରଲୀଧରନ୍ । ଫିଲ୍ମଟିର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସମରେଶ ରାଉତରାୟ, ଅଶ୍ରୁମୋଚନ ମହାନ୍ତି, ଦ୍ୱିପନ୍ୱୀତ ଦାସମହାପାତ୍ର, ସସ୍ମିତା ମହାନ୍ତି, ମିଲି ମିଶ୍ର, ସୁଶୀଲ ମିଶ୍ର, ନୀଳମଣି ସାହୁ, ଋଷି ପଟ୍ଟନାୟକ, ଚିତ୍ତ ରଞ୍ଜନ ମହାନ୍ତି ଏବଂ ଶିଶୁ କଳାକାର ଯଶ କ୍ରିଷ୍ଣା । ଫିଲ୍ମଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ ।



ଆର୍ଲିନ ଅଙ୍କିତା–ଅଭିଷେକ ରଥ



ରଶ୍ମିକା

# ରଶ୍ମିକାଙ୍କ ନୀରବତା

ରଶ୍ମିକା ମନ୍ଦାନା ଏବେ ଅଧିକାଂଶ ସମୟ ନୀରବତା ଅବଲମ୍ବନ କରୁଛନ୍ତି । କାରଣ ଯଦି ସେ ଏନେଇ ଅଧିକ କିଛି କହିବେ ତେବେ ତାହା ନିଆଁରେ ହୁଏତ ଘିଅ ଢ଼ାଳିଲା ଭଳି ହେବ । ହେଲେ କ'ଣ ଏମିତି ଘଟଣା ଘଟିଛି ଯେ, ରଶ୍ମିକା ନିଜ ଜିଭ ଉପରେ ଲଗାମ ଦେଇଛନ୍ତି ? ହଁ, ନିକଟରେ ଶୁଣିବାକୁ ମିଳୁଛି ଯେ ଏକ ନୂଆ ସିନେମା ପାଇଁ ସେ କୁଆଡେ ଅଧିକ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି । ଏକଥା ଉପରେ ଆଲୋଚନା ଜୋର୍ ଧରିବା ପରେ ସେ ଏ ନେଇ କେବଳ ପଦୁଟିଏ କହିଛନ୍ତି । ତାହା ହେଲା, 'ଏହା ହେଉଛି କେବଳ ଗୁଜବ' । ଅସଲ କଥା ହେଲା ସେ ଏବେ ଏକ ନୂଆ ସିନେମା 'କାଞ୍ଚନା ୪'ରେ ଅଭିନୟ କରିବାକୁ ଯାଉଛନ୍ତି । ଏହି ଫିଲ୍ମରେ ସେ ଭୁତୁଣୀ ଚରିତ୍ରରେ ଅଭିନୟ କରିବେ ବୋଲି ଶୁଣିବାକୁ ମିଳୁଛି । ତା'ସହ ଏହା ବି ଶୁଣିବାକୁ ମିଳୁଛି ଯେ, ଏଥିପାଇଁ ସେ କୁଆଡେ ଅଧିକ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି । ଏହାକୁ କାଉଣ୍ଟର କରି ରଶ୍ମିକା କହିଛନ୍ତି ଯେ, ''ଯାହା ଶୁଣିବାକୁ ମିଳୁଛି ସବୁ ଗୁଜବ । ମୋର ରେମ୍ୟୁନିରେଶନ ମୁଁ ବଢ଼ାଇ ନାହିଁ । ତେଣୁ ଏ ନେଇ ମୁଁ ଯେତେ ନୀରବ ରହିବି ତାହା ଭଲ ।'' ଫିଲ୍ମଟିରେ ପୂଜା ହେଗଡେ ଏବଂ ନୋରା ଫତେହି ମଧ୍ୟ ଅଭିନୟ କରୁଛନ୍ତି । ଏହାର ନିର୍ଦ୍ଦେଶନା ଦେଉଛନ୍ତି ରାଘବ ଲରେନ୍ସ । ତେବେ ଏଭଳି ଭୂମିକାରେ ରଶ୍ମିକା ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ରିଲିଜ ପରେ ହିଁ ଜଣାପଡିବ ।

# ଯଦି ସୁଯୋଗ ମିଳେ...

ଅଭିନେତ୍ରୀ ହେବା ପୂର୍ବରୁ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିସ ସାମ୍ବାଦିକତା ଏବଂ ମଡେଲିଂ ସହ ଜଡିତ ଥିଲେ । ସିଡନୀ ବିଶ୍ୱବିଦ୍ୟାଳୟରୁ ମାସ୍ କମ୍ୟୁନିକେଶରେ ଡିଗ୍ରୀ ହାସଲ କରିବା ପରେ ସେ ଶ୍ରୀଲଙ୍କାର ଏକ ଟିଭି ଚ୍ୟାନେଲରେ ରିପୋର୍ଟର ଭାବରେ କିଛି ଦିନ କାମ କରିଥିଲେ । ଏ ବିଷୟରେ ଜ୍ୟାକ୍‌ଲିନ କହନ୍ତି, ''ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିବା ପରେ ମୁଁ ଏହାକୁ କ୍ୟାରିୟର କରିବି ବୋଲି ଭାବିଥିଲି । କିଛିଦିନ ଏକ ଚ୍ୟାନେଲରେ ରିପୋର୍ଟର ଭାବରେ କାମ କଲି । କିନ୍ତୁ ମଡେଲିଂ ସହ ଜଡିତ ହେବା ପରେ ମୋତେ ଏଥିରୁ ବିରତି ନେବାକୁ ପଡିଥିଲା । ପରବର୍ତ୍ତୀ ସମୟରେ ମଡେଲିଂରୁ ମୋତେ ବଲିଉଡ୍‌ରେ ସୁଯୋଗ ମିଳିଲା । ଆଉ ତା'ପରେ ପଛକୁ ଫେରି ଚାହିଁ ନ ଥିଲି । ଅଭିନୟ ମାୟାରେ ଏପରି ପଡିଗଲି ଯେ, ତାହାକୁ କ୍ୟାରିୟର କରିବାକୁ ବାଧ୍ୟ ହୋଇଥିଲି । ଏବେ ମୋତେ ଯଦି ସୁଯୋଗ ମିଳେ ପୁଣି ଥରେ ସାମ୍ବାଦିକତା କରିବାକୁ ପଛାଇବି ନାହିଁ ।''



ଜ୍ୟାକ୍‌ଲିନ

# ଧନ୍ୟବାଦ ଅନୁରାଗ

ହୁମା କୁରେସି ଅଭିନେତ୍ରୀ ହେବାପୂର୍ବରୁ ମଡେଲିଂ ଏବଂ ବିଭିନ୍ନ ବିଜ୍ଞାପନ ପାଇଁ କାମ କରୁଥିଲେ । ଏକଦା ଏକ ନାମୀ କମ୍ପାନୀର ବିଜ୍ଞାପନରେ ତାଙ୍କୁ ସ୍ପଟ୍ ଆଉଟ୍ କରିଥିଲେ ନିର୍ଦ୍ଦେଶକ ଅନୁରାଗ ବସୁ । ସେ ସମୟରେ ସେ ତାଙ୍କ ଫିଲ୍ମର ନାୟିକା ଚରିତ୍ର ପାଇଁ ଜଣେ ନବାଗତା ସନ୍ଧାନରେ ଥାଆନ୍ତି । ଆଉ ହୁମାଙ୍କୁ ଦେଖିବା ପରେ ସତେ ଯେମିତି ତାଙ୍କୁ ଖୋଜିବା ଚିଜ ମିଳିଯାଇଥିଲା । ବିଳମ୍ବ ନ କରି ସେ ହୁମାଙ୍କ ସହ ଯୋଗାଯୋଗ କରିଥିଲେ । ହଁ, ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଗ୍ୟାଙ୍ଗସ ଅଫ ୱାସେପୁର' । ଏ ବିଷୟରେ ହୁମା କହନ୍ତି, ''ଆଜି ଯଦି ମୁଁ ବଲିଉଡ୍‌ରେ ତିଷ୍ଠି ରହିଛି ସେଥିଲାଗି ମୁଁ ନିର୍ଦ୍ଦେଶକ ଅନୁରାଗ ବସୁଙ୍କୁ ଯେତେ ପ୍ରଶଂସା କରିବି ତାହା କମ୍ ହେବ । କାରଣ ମୋତେ ସେ ପ୍ରଥମେ ସୁଯୋଗ ଦେଇଥିଲେ । କେବଳ ସେତିକି ନୁହେଁ ପ୍ରଥମ ସିନେମାର ଶୁଟିଂ ପୂର୍ବରୁ ମୁଁ ଏକ ୧୫ଦିନିଆ ଆକ୍ଟିଂ ୱାର୍କସପ୍‌ରେ ଯୋଗ ଦେଇଥିଲି । ସେହି ସମୟରେ ସେ ଅଭିନୟକୁ ନେଇ ମୋ ମନରେ ଥିବା ଅନେକ ପ୍ରଶ୍ନର ଅତି ସରଳ ଭାବରେ ସମାଧାନ କରିଦେଇଥିଲେ । ତାଙ୍କର ଟିପ୍ସଗୁଡିକୁ ପାଥେୟ କରି ମୁଁ ଆଗକୁ ପାଦ ରଖିଥିଲି ।'' ଅଭିନୟ ପୂର୍ବରୁ ସେ ଆମୀର ଖାଁ ଏବଂ ଶାହରୁଖ ଖାଁଙ୍କ ସହ କେତୋଟି ବିଜ୍ଞାପନରେ କାମ କରିଥିଲେ । କେବଳ ସେତିକି ନୁହେଁ, ସେ 'ଆର୍ମି ଅଫ ଦ ଡେଡ୍' ଟାଇଟଲବିଶିଷ୍ଟ ଏକ ହଲିଉଡ୍ ସିନେମାରେ ବି ଅଭିନୟ କରିଛନ୍ତି ।



ହୁମା

# ସରୁନି କଥା, ପାହୁନି ରାତି, ମନରେ ଭରିଛି ପୀରତି ତାତି

**ପ୍ରଶ୍ନ:** ମୋର କ'ଣ ହୋଇଛି କେଜାଣି ମୋତେ ରାତିରେ ନିଦ ହେଉନି। ଖାଲି ତା' କଥା ମନେ ପଡୁଛି। କେତେବେଳେ ରାତି ପାହି ଯାଉଛି ଜଣାପଡୁନି ? ମୁଁ କ'ଣ କରିବି ?

*-ଅମିତ, କଟକ*

**ଉତ୍ତର:** ଆପଣଙ୍କୁ ପ୍ରେମ ନିଶା ପୁରା ଦମ୍‌ରେ ଧରିଛି। ଆଉ ପରିସ୍ଥିତି ଏପରି ହୋଇଯାଇଛି ଯେ ଆପଣଙ୍କ ଆଖିରୁ ନିଦ ହଜିଯାଇଛି। 'ସରୁନି କଥା, ପାହୁନି ରାତି, ମନରେ ଭରିଛି ପୀରତି ତାତି'। ତେଣୁ ଯଦି ଆପଣଙ୍କର ସତସତିକା ପ୍ରେମିକା ଅଛି ତେବେ ତାଙ୍କ ବିଷୟରେ ଭାବି ରାତି ଅନିଦ୍ରା ହେବା କେତେଦୂର ସମିଚୀନ ତାହା ଜାଣିବା ଦରକାର। ଆଉ ଯଦି ପ୍ରଥମେ ପ୍ରଥମେ ପ୍ରେମ କରୁଥିବେ ତେବେ ଏହି ନିଶାଟା ଆଉଟିକେ ଗାଢ଼ ହୋଇଥାଏ। ତେଣୁ ଅଯଥା ରାତି ତମାମ ଅନିଦ୍ରା ରହି ପ୍ରେମର ମଜା ନେବା ଅପେକ୍ଷା ବିଳମ୍ବିତ ରାତି ବ୍ୟତୀତ ଅନ୍ୟ ସମୟକୁ ବ୍ୟବହାର କରନ୍ତୁ। ଆଉ ଯଦି ଭାବାନ ରାଇଜରେ ରହି ପ୍ରେମ କରୁଛନ୍ତି ତେବେ ବାସ୍ତବ ଦୁନିଆକୁ ଆସନ୍ତୁ। ମନଲାଖି ପ୍ରେମିକାକୁ ସାଥୀ କରି ଆଗକୁ ମାଡି ଚାଲନ୍ତୁ।

**ପ୍ରଶ୍ନ:** ମୋ ପ୍ରେମିକା ଅଧିକାଂଶ ସମୟ ଅବୁଝା ରହୁଛି। ତା'ମନକୁ କିପରି ବଦଳାଇବି କହିବେ କି ସାଥୀ ?

*-ପ୍ରତୀକ କୁମାର, ଅନୁଗୋଳ*

**ଉତ୍ତର:** ପ୍ରେମିକାର ମନ କାହିଁକି ଅଧିକାଂଶ ସମୟ ଅବୁଝା ରହୁଛି ତାହାର କାରଣ ଶୀଘ୍ର ଖୋଜନ୍ତୁ। ହୁଏତ ଏମିତି ଅବୁଝା ମନକୁ ନେଇ ପ୍ରେମର ନୌକା ଆଗକୁ ଗତି କରିବା କଷ୍ଟକର ହୋଇଥାଏ। ତେଣୁ ଆପଣଙ୍କ ପ୍ରେମିକାର ମାନସିକତାକୁ ଠିକ୍ ଭାବରେ ଷ୍ଟଡି କରି ତା' ମନରୁ ଅବୁଝାପଣ ଦୂର କରନ୍ତୁ। ଯଦି ଏହି ମିଶନ ସଫଳ ହୋଇଗଲା, ତେବେ ଦେଖିବେ ପୁଣି ଆପଣ ପ୍ରେମରେ ସୁନେଲି ଦିନ ଫେରି ଆସିବ।

**ପ୍ରଶ୍ନ:** ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। ହେଲେ ଘଟଣା ଆଗକୁ ଆଗଉ ନାହିଁ। କ'ଣ କରିବି ?

*-ବିଜୟ ରାଉତ, ରାଉରକେଲା*

**ଉତ୍ତର:** ଆପଣଙ୍କ ପ୍ରେମରେ କେଉଁଠି କେଁ ରହିଯାଉଛି। ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ:** ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*-ତପନ କୁମାର, ସୁନାବେଡା*

**ଉତ୍ତର:** ଜଣେ ଝିଅର ମାନସିକତାକୁ ତର୍ଜମ କରିବା ଏତେ ସହଜ କଥା ନୁହେଁ। କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ଆଉ ସେଥିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।

**ପ୍ରଶ୍ନ:** ଜଣେ ଝିଅ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*-ବିଜୟ ସାହୁ,କେନ୍ଦ୍ରାପଡା*

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା ମନର କଥାକୁ ତର୍ଜମା କରୁଛି। ସେ ହୁଏତ କିଛି ଭଲ ହେଉ କି ମନ୍ଦ କଥା କହିବାକୁ ଚାହୁଁଛି। ହେଲେ ସାହସ ଜୁଟାଇ ପାରୁନି। ଯଦି ସେ ଆପଣଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି, ତେବେ ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ଅନ୍ୟପକ୍ଷରେ ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !



ସାଥୀ

## ପ୍ରଥମରୋଜଗାର


# ପ୍ରଥମ ରୋଜଗାର ମା'ଙ୍କ ହାତରେ ଦେଇଥିଲି



କବି **ଅଥୟ କୁମାର ସାହୁ**ଙ୍କ ପ୍ରଥମ ରୋଜଗାର ସମ୍ପର୍କରେ ...

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ସିଆରିମାଳିଆ ଗ୍ରାମର ଏକ ଗରିବ ଚାଷୀ ପରିବାରରେ ଅଥୟଙ୍କ ଜନ୍ମ। ବାପା ସ୍ୱର୍ଗତ ନିଧିଆ ସାହୁ ଓ ମା' ସଜନୀ ସାହୁଙ୍କର ସେ ଏକମାତ୍ର ପୁଅ। ଆର୍ଥିକ ଅନଟନ ଭିତରେ ପିଲାଦିନ ତାଙ୍କର କଟିଥିଲା। ତଥାପି ନିଜକୁ ସମ୍ଭାଳି ନେଇ ପାଠପଢାରେ ସେ ମନୋନିବେଶ କରିଥିଲେ। ସ୍କୁଲ୍ ପଢ଼ା ସରିବା ପରେ ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ତଥା ପରିବାରର ଦାୟିତ୍ୱ ସମ୍ଭାଳିବାକୁ ସମୟକ୍ରମେ ସେ ଗାଁ ଛାଡ଼ି ଢେଙ୍କାନାଳ ସହରକୁ ଯାଇଥିଲେ। ସେଠାରେ ନିଜ ଖର୍ଚ୍ଚ ତୁଲାଇବାକୁ ପ୍ରଥମେ ଏକ ପ୍ରିଣ୍ଟିଂ ପ୍ରେସ୍‌ରେ ସେ କାମ କଲେ। ମାସକ ପରେ ଛଅ ଶହ ଟଙ୍କା ତାଙ୍କୁ ଦରମା ମିଳିଲା ; ଯାହାକୁ ନେଇ ସେ ତାଙ୍କ ମା'ଙ୍କ ହାତରେ ଦେଇଥିଲେ। ତାଙ୍କ ମା' ସେଦିନ ଖୁବ୍ ଖୁସି ହେବା ସହ ଭାବବିହ୍ୱଳ ହୋଇପଡିଥିଲେ ; ଯାହାକୁ ଦେଖି ଅଥୟଙ୍କ ଆଖିରେ ବି ଲୁହ ଆସି ଯାଇଥିଲା। ପରେ ସେହି ଟଙ୍କାରେ ତାଙ୍କ ମା' ଏକ ଗାଈ କିଣିଥିଲେ। ଏମିତି ଭାବେ ପ୍ରଥମ ରୋଜଗାର ତାଙ୍କର ଖର୍ଚ୍ଚ ହୋଇଥିଲା। ଏହି ପ୍ରେସ୍‌ରେ କାମ କରୁକରୁ କ୍ରମେ କବିତା ଲେଖା ଓ ପୁସ୍ତକ ରଚନା ପ୍ରତି ତାଙ୍କର ଆଗ୍ରହ ବଢ଼ିଥିଲା। ୧୯୯୫ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ 'ଜୀବନ ଉର୍ମି' ପ୍ରକାଶ ପାଇବା ପରେ ତାଙ୍କୁ ବହୁ ପାଠକୀୟ ପ୍ରଶଂସା ମିଳିବା ସହ ଢେଙ୍କାନାଳ ସହରରେ ଜଣେ ଯୁବ କବି ଭାବେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେଲା। ତା'ପରଠୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ପାଠକମାନଙ୍କ ଉତ୍ସାହରେ ଉତ୍ସାହିତ ହୋଇ ସେ କ୍ରମେ ଢେଙ୍କାନାଳର କଳା, ସାହିତ୍ୟ ଓ ସ୍ଥାପତ୍ୟ ଉପରେ ଏକ ପୁସ୍ତକ ରଚନା କଲେ। 'ସ୍ମୃତିରେ ନନ୍ଦିନୀ' ବି ହେଉଛି ତାଙ୍କ ରଚିତ ଆଉ ଏକ ଲୋକପ୍ରିୟ ପୁସ୍ତକ। ଏହାଛଡ଼ା ଢେଙ୍କାନାଳର ସ୍ୱାଧୀନତା ସଂଗ୍ରାମୀ ତଥା ଶହୀଦମାନଙ୍କର ଜୀବନୀ ଉପରେ ବି ସେ ଏକ ପୁସ୍ତକ ରଚନା କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଆଗକୁ ତାଙ୍କର ଆଉ ଦୁଇଟି କବିତା ସଂକଳନ ପ୍ରକାଶ ଅପେକ୍ଷାରେ ରହିଛି। ତାଙ୍କର ଅଧିକାଂଶ ଲେଖାରେ ଗ୍ରାମାଞ୍ଚଳର ପାରମ୍ପରିକ ଭାଷା ଦେଖିବାକୁ ମିଳିଥାଏ। ଏତଦ୍‌ବ୍ୟତୀତ 'ମାଇକ୍ରୋମିଡିଆ ଆୱାରନେସ' ନାମକ ଏକ ସାଂସ୍କୃତିକ ଅନୁଷ୍ଠାନ ବି ତାଙ୍କର ରହିଛି ; ଯାହା ଆଜକୁ ୨୬ବର୍ଷ ହେବ ଢେଙ୍କାନାଳର କଳା, ସାହିତ୍ୟ, ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିବା ସହ ବହୁ ପ୍ରତିଭାବାନ କଳାକାର ସୃଷ୍ଟି କରି ସେମାନଙ୍କୁ ରାଜ୍ୟ ଓ ଜାତୀୟସ୍ତରରେ ପରିଚିତି ପ୍ରଦାନ କରିବାର ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଅଥୟ ଏବେ ଢେଙ୍କାନାଳର ମହିଷାପାଟଠାରେ ନିଜର ପରିବାର ସହ ବସବାସ କରୁଛନ୍ତି। ଧର୍ମପତ୍ନୀ ସଂଯୁକ୍ତା ସାହୁ, ପୁଅ ସୌମ୍ୟବ୍ରତ ସାହୁ ଓ ଝିଅ ମଧୁସ୍ମିତା ସାହୁଙ୍କୁ ସେ ତାଙ୍କ ପ୍ରେରଣାର ଉତ୍ସ ବୋଲି କହିଥାନ୍ତି। କବିତା ରଚନା ସହିତ ସାଂସ୍କୃତିକ ଜାଗରଣ ସୃଷ୍ଟି କରିବାରେ ଅଥୟଙ୍କର ବଳିଷ୍ଠ ଭୂମିକା ରହୁଥିବା ଯୋଗୁ ତାଙ୍କୁ ଯା' ଭିତରେ ଜିଲା ଓ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ତରଫରୁ ବହୁ ସମ୍ମାନ ଓ ପୁରସ୍କାର ମଧ୍ୟ ମିଳିସାରିଲାଣି।

*-ରତନ ନାୟକ*



# ଖଲିଲ ଜିବ୍ରାନଙ୍କ ପାଇଁ ଆକାଶ ପାଲଟି ଯାଇଥିଲେ ମେରୀ ହସ୍କେଲ

**-ପ୍ରଦୀପ କୁମାର ରାୟ**

**ଖ**ଲିଲ ଜିବ୍ରାନଙ୍କ ମୃତ୍ୟୁ ପରେ ମେରୀ ହସ୍କେଲ ନିଜ ଡାଏରୀରେ ଲେଖିଥିଲେ ''ଆଜିଠାରୁ ମୁଁ ଆଉ କେବଳ ମେରୀ ନୁହେଁ । ଆଜିଠାରୁ ମୁଁ ସେହି ନାରୀ, ଯାହାର ଛାତି ଭିତରେ ଜଣେ ମୃତ ମଣିଷ ଜିଇ ରହିବେ ଚିରକାଳ ।''

ଭଲପାଇବା ଯଦି ଭଲପାଇବା ପରି ହୁଏ, ତେବେ ତାହା ଆକାଶ ପାଲଟି ଯାଏ । ଭଲପାଇବା କେବେ ହେଲେ ମଣିଷକୁ ସୀମାବଦ୍ଧ କରେ ନାହିଁ ବରଂ ଆହୁରି ବିସ୍ତୃତ କରିଥାଏ ।

ଖଲିଲ ଜିବ୍ରାନଙ୍କ ପାଇଁ ଆକାଶ ପାଲଟି ଯାଇଥିଲେ ମେରୀ ହସ୍କେଲ।

ମଦ୍ୟପ ପିତାଙ୍କର ଉଦାସୀନତା, ଆର୍ଥିକ ଅଭାବ, ଦୁର୍ନୀତି ଅଭିଯୋଗରେ ବାପାଙ୍କର କାରାବାସ – ଏସବୁକୁ ନେଇ କଟିଛି ଜିବ୍ରାନଙ୍କର ଶୈଶବ । ଆର୍ଥିକ ଦୁର୍ଦ୍ଦଶାରୁ ମୁକ୍ତି ପାଇବା ପାଇଁ ତାଙ୍କର ମା' ଜିବ୍ରାନ ଏବଂ ତାଙ୍କର ଅନ୍ୟ ତିନି ସନ୍ତାନଙ୍କୁ ସାଥିରେ ନେଇ ଆମେରିକା ଚାଲିଯାଇଥିଲେ । ଜିବ୍ରାନଙ୍କୁ ଯେତେବେଳେ ଅଠର ବର୍ଷ ବୟସ ସେତେବେଳେ ମାତ୍ର ଦେଢ଼ ବର୍ଷର ବ୍ୟବଧାନରେ ମା'ଙ୍କ ସହ ତିନିଜଣ ଭାଇଭଉଣୀଙ୍କୁ ହରାଇଥିଲେ ମହାବ୍ୟାଧି ଯକ୍ଷ୍ମାରେ। ପୃଥିବୀରେ ସମ୍ପୂର୍ଣ୍ଣ ଏକା ହୋଇପଡ଼ିଥିଲେ ଜିବ୍ରାନ। ମା'ଙ୍କ ସହିତ ଜିବ୍ରାନଙ୍କର ଅତ୍ୟନ୍ତ ଘନିଷ୍ଠ ଓ ବୋଧଗମ୍ୟ ସମ୍ପର୍କ ଥିଲା। ମା' ତାଙ୍କ ପାଇଁ ଶକ୍ତିର ସ୍ତମ୍ଭ ଥିଲେ ଏବଂ ତାଙ୍କର ଶୈଳ୍ପିକ ପ୍ରବଣତାକୁ ଅନୁପ୍ରାଣିତ କରୁଥିଲେ ।

ମା' ଏବଂ ଭଉଣୀଭାଇଙ୍କ ମୃତ୍ୟୁ ପରେ ଜିବ୍ରାନ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ। ଠିକ୍ ସେହି ସମୟରେ ମେରୀଙ୍କ ସହ ତାଙ୍କର ସାକ୍ଷାତ୍ ଯେପରି ଈଶ୍ୱରଙ୍କ ଆଶୀର୍ବାଦ ସ୍ୱରୂପ ଥିଲା । ମେରୀ ଥିଲେ 'ସ୍କୁଲ ଫର୍ ଗାର୍ଲ୍ସ'ର ମାଲିକ ଏବଂ ପରବର୍ତ୍ତୀ କାଳରେ 'ଦ କ୍ୟାମ୍ବ୍ରିଜ ସ୍କୁଲ'ର ଅଧକ୍ଷା ଭାବରେ କାର୍ଯ୍ୟ କରିଛନ୍ତି । ମେରୀ ଜିବ୍ରାନଙ୍କର ଶାରୀରିକ ଆକାଂକ୍ଷା ପୂରଣ ଅପେକ୍ଷା ବେଶି ମାତ୍ରାରେ ତାଙ୍କର ମାନସିକ ଏବଂ ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ କରିବାରେ ସକ୍ଷମ ହୋଇଥିଲେ ।

ଜିବ୍ରାନଙ୍କ ଜୀବନରେ ମେରୀଙ୍କର ଭୂମିକା ଥିଲା ଅନନ୍ୟ। କେବଳ ଜୀବନ ନୁହେଁ, ମୃତ୍ୟୁ ପରେ ମଧ ସେ ଜିବ୍ରାନଙ୍କ କର୍ମର ରକ୍ଷକ ହୋଇପଡ଼ିଥିଲେ ।

ଜିବ୍ରାନ ଓ ମେରୀଙ୍କର ପ୍ରଥମ ପରିଚୟ ହୋଇଥିଲା ୧୯୦୪ ମସିହାରେ, ବୋଷ୍ଟନ ସହରରେ ଖଲିଲ ଜିବ୍ରାନଙ୍କର ପ୍ରଥମ ଶିଳ୍ପ ପ୍ରଦର୍ଶନୀରେ। ପରିଚୟର ସୂତ୍ରଧର ଥିଲେ ଫଟୋଗ୍ରାଫର ଫେଡରିକ ପୋଲାଣ୍ଡ ଡେ। ସେତେବେଳେ ଜିବ୍ରାନଙ୍କ ବୟସ ୨୧ ଏବଂ ମେରୀଙ୍କର ବୟସ ୩୧ ବର୍ଷ। ସେହି ଆକସ୍ମିକ ସାକ୍ଷାତ୍ ସେମାନଙ୍କର ଜୀବନର ଗତିପଥ ବଦଳାଇ ଦେଇଥିଲା ।

ପରବର୍ତ୍ତୀ ପଚିଶ ବର୍ଷ ଉଭୟଙ୍କ ଭିତରେ ଗଢ଼ି ଉଠିଥିଲା ଏକ ଦୀର୍ଘସ୍ଥାୟୀ, ଜଟିଳ ଅଥଚ ଗଭୀର ସମ୍ପର୍କ, ଯାହା କେତେବେଳେ ପ୍ରେମ, କେତେବେଳେ ବନ୍ଧୁତା, କେତେବେଳେ ସୃଜନର ସହଯୋଗିତାରେ ପ୍ରସାରିତ ହୋଇଥିବା ପ୍ରାନ୍ତର । ମେରୀଙ୍କର ଭଲପାଇବା ଓ ଆସ୍ଥା ଜିବ୍ରାନଙ୍କୁ କେବଳ ମାନସିକ ଶକ୍ତି ଦେଇ ନ ଥିଲା, ଦେଇଥିଲା ଶିଳ୍ପ ଚର୍ଚ୍ଚା ପାଇଁ ଭରସାଯୋଗ୍ୟ ଭିତ୍ତି ।



ଜିବ୍ରାନଙ୍କ ଶିଳ୍ପୀ ସତ୍ତାର ବିକାଶ ପାଇଁ ମେରୀ ହିଁ ପ୍ରଥମେ ହାତ ବଢ଼ାଇଥିଲେ । ସେ ଜିବ୍ରାନଙ୍କୁ ପ୍ୟାରିସରେ ଶିକ୍ଷା ଗ୍ରହଣ କରିବା ପାଇଁ ସୁଯୋଗ ଦେଇଥିଲେ । ସେହି ସମୟରେ ମେରୀ ପ୍ରତିମାସରେ ଜିବ୍ରାନଙ୍କୁ ୭୫ ଡଲାର ପଠାଉଥିଲେ, ଯାହା ବର୍ତ୍ତମାନର ହିସାବ ଅନୁସାରେ ପ୍ରାୟ ଦୁଇ ହଜାର ଡଲାର ସହ ସମାନ । ଏହି ସହାୟତା ଜିବ୍ରାନଙ୍କୁ ୟୁରୋପରେ ଶିଳ୍ପ ଚର୍ଚ୍ଚାର ସୁଯୋଗ ଦେଇଥିଲା ଏବଂ ପରୋକ୍ଷ ଭାବରେ ଜନ୍ମ ଦେଇଥିଲା ସେହି ସାହିତ୍ୟ କୃତି ସମୂହର। ଯାହା ଆଜି ମଧ ସମଗ୍ର ବିଶ୍ୱବାସୀଙ୍କୁ ଆଲୋଡ଼ିତ ଓ ମୁଗ୍ଧ କରି ଚାଲିଛି ।

ଜିବ୍ରାନ ଗୋଟିଏ ଚିଠିରେ ମେରୀଙ୍କୁ ଲେଖିଥିଲେ–

''ଆମ ଭିତରେ ଦୂରତ୍ୱ ରହିବା ନିହାତି ଦରକାର । କାରଣ ଦୂରତ୍ୱ ହିଁ ଆମମାନଙ୍କର ଆତ୍ମାକୁ ପ୍ରସାରିତ କରେ, ଯେମିତି ଆକାଶର ଦୂରତ୍ୱ ତାରାମାନଙ୍କୁ ଅଲଗା ରଖିଥାଏ, ଅଥଚ ଏକା ସାଙ୍ଗରେ ଆକାଶକୁ ପୂର୍ଣ୍ଣ କରେ ।''

ମେରୀ ଜିବ୍ରାନଙ୍କର ଆକାଶ ହୋଇଥିଲେ । ସେ ତାରା ପରି ଉଜ୍ଜ୍ୱଳ ହେବାକୁ ଦେଇଥିଲେ ଜିବ୍ରାନଙ୍କୁ ।

ଜିବ୍ରାନଙ୍କ ଜୀବନର ଶେଷଭାଗରେ ମେରୀ ହିଁ ଥିଲେ ତାଙ୍କର ଅତୁଟ ଆଶ୍ରୟ। ଜିବ୍ରାନଙ୍କ ମୃତ୍ୟୁ ପରେ ମଧ ତାଙ୍କର ପାଣ୍ଡୁଲିପି ସଂରକ୍ଷଣ କରନ୍ତି, ସମ୍ପାଦନା କରନ୍ତି ଏବଂ ପ୍ରକାଶ କରନ୍ତି । ଗୋଟିଏ ଅର୍ଥରେ ଜିବ୍ରାନଙ୍କ ମୃତ୍ୟୁ ପରେ ତାଙ୍କର ଚିନ୍ତା, ଦର୍ଶନ ଓ ସାହିତ୍ୟ କୃତି ସମଗ୍ର ବିଶ୍ୱରେ ପହଞ୍ଚାଇବା କ୍ଷେତ୍ରରେ ମେରୀଙ୍କର ଅବଦାନ ହିଁ ଥିଲା ଅନ୍ୟତମ ।

ମେରୀଙ୍କ ପରି ଆକାଶଟିଏ ପାଇ ନ ଥିଲେ ହୁଏତ ଆଜି ତାରା ପରି ଝଟକୁ ନ ଥାନ୍ତେ ଖଲିଲ ଜିବ୍ରାନ ।

*-ଭୁବନେଶ୍ୱର ମୋ:୯୪୩୭୫୩୪୭୭୩*

---



# ଟେରାକୋଟା ଦେଇଛି ପରିଚୟ

**ତା**ଙ୍କ ବାପା ଥିଲେ ଜଣେ ପାରମ୍ପରିକ ମାଟିପାତ୍ର କାରିଗର। ତାଙ୍କଠାରୁ ସେ ବିଭିନ୍ନ ମାଟିପାତ୍ର ତିଆରି ଶିଖିବା ସହିତ ବିଭିନ୍ନ କଳାକୃତି ବି ଗଢୁଥିଲେ। ଯାହା ତାଙ୍କୁ ପରବର୍ତ୍ତୀ ସମୟରେ ଜଣେ ଟେରାକୋଟା ଶିଳ୍ପୀଭାବେ ପରିଚୟ ଦେଲା। ସେ ହେଲେ କେନ୍ଦୁଝର ଜିଲ୍ଲା ଘଟଗାଁ ଅଧୀନ ହଳଧରପୁର ଗାଁର **ବିଚିତ୍ର କୁମାର ସାହୁ**। ସେ କୁହନ୍ତି , 'ମୋ ବାପା ନଟବର ସାହୁ ଗାଁରେ କେବଳ ମାଟିର ହାଣ୍ଡି ମାଠିଆ ପ୍ରସ୍ତୁତ କରି ସ୍ଥାନୀୟ ବଜାରରେ ବିକ୍ରି କରୁଥିଲେ। ସେଥିରେ ଯାହା ରୋଜଗାର ହେଉଥିଲା ଆମ ପରିବାର ଚଳୁଥିଲା। ସମୟକ୍ରମେ ଆମ ପରିବାରର ଅନ୍ୟ ସଦସ୍ୟମାନେ ମା' ତାରିଣୀଙ୍କ ନିମନ୍ତେ ମାଟିଦୀପ ତିଆରି କଲେ। ମୁଁ ସେତେବେଳେ ମାଟିରେ ଛୋଟଛୋଟ ଘୋଡ଼ା ତିଆରି କରି ବିକ୍ରି କଲି। ଭଲ ଦି'ପଇସା ବି ହେଲା। ପରେ ପରେ ଟେରାକୋଟା କାମ ଶିଖି ହାତୀ, ଘୋଡ଼ା, ଫୁଲଦାନୀ,ମୃଦଙ୍ଗ,ତୁଳସୀ ଚଉଁରା, ଗଣେଶ ମୂର୍ତ୍ତି, ଦୀପ ଆଦି ଘରସଜା ସାମଗ୍ରୀ ତିଆରି କରି ଭୁବନେଶ୍ୱରରେ ଆୟୋଜିତ ହେଉଥିବା ମେଳାମହୋତ୍ସବରେ ବିକ୍ରି କରିଥିଲି। ପରବର୍ତ୍ତୀ ସମୟରେ ମୃତ୍ତିକା ମେଳା, ତୋଷାଳୀ, ବାଲିଯାତ୍ରା, ଶିଶିର ସରସ ଆଦି ବିଭିନ୍ନ ମେଳାରେ ଟେରାକୋଟା ଷ୍ଟଲ୍ ଖୋଲି ଏଗୁଡିକୁ ବିକ୍ରି କଲି। ଗୋଟିଏ ଗୋଟିଏ ଟେରାକୋଟାର କଳାକୃତି ମୂଲ୍ୟ ପ୍ରାୟ ୧୦ଟଙ୍କାଠାରୁ ଆରମ୍ଭକରି ୮ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ଜଣେ ଟେରାକୋଟା ଶିଳ୍ପୀ ଦିନକୁ ଏକ ହଜାରରୁ ଅଧିକ ଟଙ୍କା ରୋଜଗାର କରିପାରିବେ । ମୋ ସହିତ ମୋ ପତ୍ନୀ ଏବଂ ଭାଇ ମଧ୍ୟ ଏହି କାମ କରୁଛନ୍ତି। ଏବେ ମୁଁ ଟେରାକୋଟା ପ୍ରଶିକ୍ଷକ ଭାବେ କାମ କରୁଛି। ୧୫ଜଣ କାରିଗରଙ୍କୁ ଟେରାକୋଟା ପ୍ରଶିକ୍ଷଣ ଦେଉଛି। ସ୍ଥାନୀୟ ଯୁବକ ଓ ଗ୍ରାମବାସୀଙ୍କୁ ମଧ ପ୍ରଶିକ୍ଷଣ ଦେଇଛି। ପାରମ୍ପରିକ ଓ ଆଧୁନିକ କଳାରେ ସମନ୍ୱୟ ରଖି ମୁଁ ଟେରାକୋଟା କାମ କରିଥାଏ। ଏହି ହସ୍ତଶିଳ୍ପକଳାକୁ ରାଜ୍ୟ ଓ ରାଜ୍ୟ ବାହାରରେ ପରିଚିତ କରାଇବାରେ ପ୍ରୟାସ କରିଛି। ମୋର ଏହି କଳା କାରିଗରି ପାଇଁ ମତେ ରାଜ୍ୟସ୍ତରରେ ପରିଚୟ ମିଳିବା ସହ ଏକାଧିକ ପୁରସ୍କାର ମଧ ମିଳିଛି।







## ହାଃ ହାଃ

### ଅପଡେଟ୍

ରଶ୍ମି: ମୋ ହ୍ୱାଟ୍ସ ଆପ୍‌ରେ କିଛି ପ୍ରୋବଲେମ୍ ଦେଖଉଛି।
ମନୋଜ: ଗୋଟେ କାମ କର, ତାକୁ ଅପ୍‌ଡେଟ୍ କରିଦେ।
ରଶ୍ମି: କେମିତି କରିବି ?
ମନୋଜ: ପ୍ଲେ ଷ୍ଟୋର ଯାଇକି କରିଦେ।
ରଶ୍ମି: ହେଲେ ଆମ ଗାଁରେ ତ ଖାଲି ଜେନେରାଲ ଷ୍ଟୋର ଅଛି। ପ୍ଲେ ଷ୍ଟୋର ନାହିଁ।

### ଜବ୍

ବାହାଘର ପ୍ରସ୍ତାବ ପଡ଼ିଥିବା ଯୁବକଙ୍କୁ ମୀନା: ଆପଣ କ'ଣ କରନ୍ତି ?
ଯୁବକ: ମୁଁ ଟାଇମ୍ସ ଅଫ୍ ଇଣ୍ଡିଆରେ ଜବ୍ କରୁଥିଲି। ହେଲେ ଏବେ ଛାଡି ଦେଇଛି।
ମୀନା: ଏତେ ବଡ଼ ପ୍ରତିଷ୍ଠିତ ଖବରକାଗଜର ଚାକିରି କାହିଁକି ଛାଡ଼ିଲେ ?
ଯୁବକ: ବିରକ୍ତ ଲାଗିଲା ସବୁଦିନ ସକାଳୁ ଉଠି ବୁଲି ବୁଲି ଘରେ ଘରେ ଖବର କାଗଜ ପକାଇବାକୁ।

### କାମ କରୁନି

ସ୍ତ୍ରୀ: ଶୁଭୁଛି, ମୋ ମୋବାଇଲ୍ କାମ କରୁନି। ନୂଆ ଗୋଟେ କିଣି ଦେଉନ।
ସ୍ୱାମୀ: ତମେ ବି ତ କିଛି କାମ କରୁନ। ହେଲେ ମୁଁ କେବେ କିଛି କହିଛି ?

### ଉପରବାଲା

ଜଣେ ବ୍ୟକ୍ତି ଏକ ଦୋକାନକୁ ଯାଇଥାଆନ୍ତି। ଦେଖିଲେ ଦୋକାନୀ ନାହିଁ, ବ୍ୟାଗରେ ମନ ଇଛା ଜିନିଷ ଲୁଚାଇ ରଖିଲେ।
ଦୋକାନୀ ଆସିବା ପରେ ବ୍ୟକ୍ତି: ଭାଇ, ଏମିତି ଦୋକାନ ଛାଡ଼ି ପଳଉଛ ଯଦି ଚୋରି ହେଇଯିବ ?
ଦୋକାନୀ: କ'ଣ ଆଉ କରିବି ସବୁ ଉପରବାଲା ହାତରେ ଛାଡି ଦେଇଛି।
ବ୍ୟକ୍ତି:ମାନେ ?
ଦୋକାନୀ: ସିସିଟିଭି ଅଛି ବା।
ବ୍ୟକ୍ତି ଡରିଯାଇ: ଭାଇ, ତମେ ନ ଥିଲ ତ ମୁଁ ନିଜେ ନିଜେ ଦୋକାନରୁ ଏସବୁ ଜିନିଷ ଆଣି ବ୍ୟାଗରେ ରଖିଛି। କେତେ ଟଙ୍କା ହେଲା କୁହ।
ଦୋକାନୀ ଦାମ କହିବା ପରେ ବ୍ୟକ୍ତିଙ୍କୁ: ତମର କେହି ଇଲେକ୍ଟ୍ରିସିଆନ ଚିହ୍ନା ଅଛନ୍ତି ?
ବ୍ୟକ୍ତି: କାହିଁକି ?
ଦୋକାନୀ: ଏ ସିସିଟିଭିଟା ଖରାପ ହେଇଛି। ରିପେୟାର କରିଥାନ୍ତି।



# ବଳରାମପୁର ଗଡ

ଯାଜପୁର ଜିଲା ପାଇଁ ପ୍ରକୃତିର ଅବଦାନ ଯଥେଷ୍ଟ। ଏହି ଜିଲାରେ ରହିଛି ପ୍ରାକୃତିକ ଶୋଭା ସମ୍ପଦରେ ଭରପୂର ବହୁ ଦର୍ଶନୀୟ ତଥା ଐତିହାସିକ ପୀଠସ୍ଥଳୀ। ବିଭିନ୍ନ ଘଟଣାବଳୀର ସ୍ମୃତିଚାରଣ କରିବା ସହ ବହୁ ମହାପୁରୁଷଙ୍କ ତ୍ୟାଗ, ବଳିଦାନ, ଜ୍ଞାନ ଗରିମାର ଗାଥାଗାଏ ଏହି ମାଟି।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ତାଳଜଙ୍ଗ ଗ୍ରାମ ପଞ୍ଚାୟତର ପର୍ବତ ଶିଖରରେ ରହିଛି ବଳରାମପୁର ଗ୍ରାମ। ବାହ୍ୟଶତ୍ରୁଙ୍କ ଆକ୍ରମଣରୁ ରକ୍ଷା ପାଇବାକୁ ଦିନେ ସେଠାରେ ରାଜା ବଳରାମ ସିଂ ରାଜପ୍ରାସାଦ ନିର୍ମାଣ କରି ରାଜତ୍ୱ କରୁଥିଲେ। ତାଙ୍କ ଶାସନ ସମୟରେ ବ୍ରାହ୍ମଣୀ ନଦୀ ଉପକୂଳ ଗଅଞ୍ଜିଆଠାରୁ ମଧୁପୁର ପର୍ଯ୍ୟନ୍ତ ୨୮ ବର୍ଗ ମାଇଲ ସାମ୍ରାଜ୍ୟ ପରିବ୍ୟାପ୍ତ ଥିଲା। ଏଥିରେ ୨୮ଖଣ୍ଡ ରାଜସ୍ୱ ଗ୍ରାମ ଅନ୍ତର୍ଭୁକ୍ତ ଥିଲା। ୧୯୭୧ ବାତ୍ୟା ପରେ ରାଜପ୍ରାସାଦ ପ୍ରାୟ ଧ୍ୱଂସ ହୋଇଯାଇଛି। ବଳରାମପୁରଗଡର ବାସିନ୍ଦା ଅଜୟ ଧୀର କୁହନ୍ତି, 'ପ୍ରାୟ ୫୫୩ ଖ୍ରୀଷ୍ଟାବ୍ଦରେ ରାଜସ୍ଥାନ ଜୟପୁର ରାଜବଂଶର ଦୁଇଭାଇ ବଳରାମ ସିଂ ଓ ମଧୁ ସିଂ ପୁରୀ ଜଗନ୍ନାଥ ମନ୍ଦିର ଦର୍ଶନ ପାଇଁ ଆସିଥିଲେ। ସୋମବଂଶର ରାଜା ସୁବର୍ଣ୍ଣକେଶରୀ ସେତେବେଳେ ଓଡ଼ିଶାର ରାଜା ଥିଲେ ଏବଂ ଯାଜପୁର ଓଡ଼ିଶାର ରାଜଧାନୀ ଥିଲା। ଦୁଇଭାଇ ବଳରାମ ଓ ମଧୁ ସିଂ ରାଜା ସୁବର୍ଣ୍ଣକେଶରୀଙ୍କ ଆତିଥ୍ୟ ଗ୍ରହଣ କରି ଯାଜପୁରରେ କିଛିଦିନ କଟାଇଥିଲେ। ଲୋକକଥାରୁ ଜଣାଯାଏ ଦିନେ ରାଜାଙ୍କ ସହ ଦୁଇଭାଇ ବଳରାମପୁର ଅଞ୍ଚଳକୁ ଶିକାର କରିବାକୁ ଆସିଥିଲେ। ସେହି ସମୟରେ ରାଜା ଏକ ମହାବଳ ବାଘର ସମ୍ମୁଖୀନ ହୋଇଥିଲେ। ରାଜା ସୁବର୍ଣ୍ଣକେଶରୀଙ୍କୁ ବାଘ କବଳରୁ ଦୁଇଭାଇ ରକ୍ଷା କରିଥିଲେ। ଏଥିରେ ରାଜା ଖୁସି ହୋଇ ଧୀର ବୀରବର ଉପାଧି ପ୍ରଦାନ କରିବା ସହ ଦୁଇଭାଇଙ୍କୁ ଏଠାରେ ରହିବାକୁ ଅନୁରୋଧ କରିଥିଲେ। ସେହିଦିନଠାରୁ ମଧୁ ସିଂ ମଧୁପୁରଗଡ ଓ ବଳରାମସିଂ ବଳରାମପୁରଗଡ ପ୍ରତିଷ୍ଠା କରି ଶାସନ କରିଥିଲେ। ସେତେବେଳେ ଶବର ଓ କମା ବ୍ରାହ୍ମଣଙ୍କ ଏହି ଅଞ୍ଚଳରେ ରାଜତ୍ୱ ଚାଲିଥିଲା। ସେମାନେ ଦୁଇଭାଇଙ୍କୁ ବିରୋଧ କରିଥିଲେ। ଫଳରେ ସୈନ୍ୟ ସାମନ୍ତ ସହ ଦୁଇଭାଇ ବହୁ ଶବର ଓ କମା ବ୍ରାହ୍ମଣଙ୍କୁ ହତ୍ୟା କରିଥିବା କିମ୍ବଦନ୍ତୀ ରହିଛି। ଏବେ ବି ମଧୁପୁରଗଡରେ ବ୍ରାହ୍ମଣଙ୍କ ଶତାଧିକ ପଇତା ରଖାଯାଇଛି। ଚତୁର୍ଦ୍ଦଶ ଶତାବ୍ଦୀରେ ବଳରାମପୁର ପାହାଡ଼ ଶିଖରରେ ରାଜପ୍ରାସାଦ ନିର୍ମାଣ ହୋଇଥିବା ଜଣାପଡ଼େ। ବଳରାମ ସିଂଙ୍କ ବଂଶଧର ଦାଶରଥି ଧୀରବୀରବର ହରିଚନ୍ଦନ ମହାପାତ୍ର ଏହି ରାଜପ୍ରାସାଦ ନିର୍ମାଣ କରିଥିଲେ।

ସପ୍ତଦଶ ଶତାବ୍ଦୀରେ ରାମଚନ୍ଦ୍ର ଧୀରବୀରବର ହରିଚନ୍ଦନ ମହାପାତ୍ର ପାହାଡ଼ ଶିଖରରେ ଏବଂ ପାହାଡ଼ ପାଦଦେଶରେ ଦୁଇଟି ସୁନ୍ଦର ପୋଖରୀ ଖନନ କରିଥିଲେ। ଏବେ ବି ସେହି ପୋଖରୀଦ୍ୱୟ ଗ୍ରାମବାସୀଙ୍କ ଉପକାରରେ ଆସୁଛି। ଭାରତର ସ୍ୱାଧୀନତା ସମୟରେ ପ୍ରଭୋଦଚନ୍ଦ୍ର ଧୀରବୀରବର ହରିଚନ୍ଦନ ମହାପାତ୍ର (୧୯୩୮ ରୁ ୧୯୫୨) ରାଜା ଥିଲେ। ସେ ଦେଶ ତଥା ବିଦେଶରେ ଜଣେ ଶ୍ରେଷ୍ଠ ଶିକାରୀ ଭାବେ ପରିଚିତ ଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଏକ ରାଇଫଲ କ୍ଲବ ଏବେ ବି ତାଳଚେରରେ ରହିଛି। ୧୯୯୨ରେ ରାଜା ପ୍ରଭୋଦଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ରାଣୀ ଯୋଗମାୟା ଦେବୀ ଏବେ ବି ବଞ୍ଚିଛନ୍ତି। ସେ ଷଢ଼େଇକଳା ରାଜବଂଶର ଝିଅ। ୧୩୨୬ ଖ୍ରୀଷ୍ଟାବ୍ଦରେ ରାଜା ଦାଶରଥିଙ୍କ ଭଉଣୀ ତଥା ଆଠଗଡ଼ ରାଣୀ ରାଧାପ୍ରିୟା ରାଜପ୍ରାସାଦ ନିକଟରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରାଇଥିଲେ। ପ୍ରତିବର୍ଷ ସେଠାରେ ମହାଆଡମ୍ବରରେ ରଥଯାତ୍ରା ପାଳନ କରାଯାଉଛି। ବଳରାମ ସିଂଙ୍କ ବଂଶଧର ତଥା ୪୫ପୁରୁଷ ରାଜା ପ୍ରବୀରଚନ୍ଦ୍ର ଧୀରବୀରବର ହରିଚନ୍ଦନ ମହାପାତ୍ର ପ୍ରତିବର୍ଷ ରଥଯାତ୍ରାରେ ଝାଡୁପହରା ଦେବାକୁ ଆସିଥାନ୍ତି। ସେ ଏବେ କଟକରେ ରହୁଛନ୍ତି। ରାଣୀ ଡା. ପଦ୍ମାଳୟା ଦେବୀ କଟକ ବଡ଼ ମେଡିକାଲର କର୍କଟ ସର୍ଜିକାଲ ବିଭାଗୀୟ ମୁଖ୍ୟ ରହିଛନ୍ତି।

ଏହି ଐତିହାସିକ ଗାଁ ବଳରାମପୁର କିନ୍ତୁ ଆଜି ସବୁକ୍ଷେତ୍ରରେ ଅବହେଳିତ। ଶୁଦ୍ଧ ପାନୀୟ ଜଳ ଟିକକ ପାଇଁ ଗ୍ରାମବାସୀ ସବୁବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକ ନଳକୂପ ରହିଛି, ହେଲେ ତାହା ଦୀର୍ଘଦିନ ହେଲା ଅଚଳ ହୋଇ ପଡିଛି। ଗାଁକୁ ଭଲ ରାସ୍ତାଟିଏ ନାହିଁ। ବଳରାମପୁର ଗ୍ରାମବାସୀ ସ୍ମୃତିରଞ୍ଜନ ଧୀର, ତପନ କୁମାର ଧୀର, ଶରତଚନ୍ଦ୍ର ଧୀର, ସୁଶାନ୍ତ ଧୀର ପ୍ରମୁଖ କୁହନ୍ତି, ବ୍ରାହ୍ମଣୀ ନଦୀକୂଳରେ ଏବେ ବି ବହୁ ଐତିହାସିକ କିମ୍ବଦନ୍ତୀ ଉଙ୍କି ମାରୁଛି। କେବଳ ଯାଜପୁର ଜିଲା ନୁହେଁ, ସମଗ୍ର ଓଡ଼ିଶା ଭୂଖଣ୍ଡରେ ଏହି ଗଡ଼ର ଗରିମା ଓ ମହନୀୟତା ପରିବ୍ୟାପ୍ତ। ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ଏହି ଐତିହାସିକ ରାଜପ୍ରାସାଦ ଉପରେ କାହାରି ଦୃଷ୍ଟି ନ ପଡ଼ିବା ଦୁର୍ଭାଗ୍ୟଜନକ। ପ୍ରତ୍ନତତ୍ତ୍ୱ ବିଭାଗ ଏହାର ପୁନରୁଦ୍ଧାର କଲେ ଏହି ରାଜପ୍ରାସାଦ ପୁଣି ଇତିହାସର ଗାଥା ଗାଇବ।

–ହର୍ଷବର୍ଦ୍ଧନ ବେହେରା









# ମହାରାଷ୍ଟ୍ରର ମିନି କଶ୍ମୀର ତପୋଲା

**ମହାରାଷ୍ଟ୍ରରେ ଅବସ୍ଥିତ ତପୋଲା ହେଉଛି ଏମିତି ଏକ ସ୍ଥାନ, ଯାହା ସମ୍ପର୍କରେ ଖୁବ୍ କମ୍ ପର୍ଯ୍ୟଟକ ଅବଗତ ଥିବେ। ଏହା ସ୍ଥାନୀୟ ସତାରା ଜିଲା ଅନ୍ତର୍ଗତ ଏକ ସୁନ୍ଦର, ମନୋରମ ଗାଁ, ଯାହାର ଅପୂର୍ବ ପ୍ରାକୃତିକ ଦୃଶ୍ୟ କାହାର ବି ଦୃଷ୍ଟି ଆକର୍ଷଣ କରିପାରେ...**

ମହାରାଷ୍ଟ୍ରର ସତାରା ଜିଲା ଅନ୍ତର୍ଗତ ଏକ ମନୋରମ ଗାଁ ହେଉଛି ତପୋଲା। ଏହା ସ୍ଥାନୀୟ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ମହାବଳେଶ୍ୱରଠାରୁ ମାତ୍ର ୨୫ କି.ମି. ଦୂରରେ ଅବସ୍ଥିତ। ତପୋଲାର ସବୁଜ ପାହାଡ଼, ଶାନ୍ତ ଉପତ୍ୟକା ତଥା କଶ୍ମୀରର ଡାଲ ହ୍ରଦ ସଦୃଶ ଏଠାରେ ରହିଥିବା ସୁନ୍ଦର ଶିବସାଗର ହ୍ରଦର ସୌନ୍ଦର୍ଯ୍ୟ କାହାକୁ ବି ଆନମନା କରିପାରେ।

ସେହିପରି ଏଠାକାର ମନୋରମ କୁହୁଡ଼ିମୟ ପରିବେଶ, ଡଙ୍ଗା ଚାଳନା, ଟ୍ରେକିଂ, ହାଇକିଂ, କ୍ୟାମ୍ପିଙ୍ଗ୍ ପରି ଦୁଃସାହସିକ କାର୍ଯ୍ୟକଳାପର ସୁବିଧା ତଥା କଶ୍ମୀରର ପ୍ରାକୃତିକ ସୌନ୍ଦର୍ଯ୍ୟସମ ଏଠାକାର ପରିବେଶ ଥିବାରୁ ତପୋଲାକୁ ଅନେକେ ମହାରାଷ୍ଟ୍ରର ମିନି କଶ୍ମୀର ବୋଲି କହିଥାନ୍ତି।

### କ'ଣ ଦେଖିବେ

* **ସୁନ୍ଦର ପରିବେଶ:** ତପୋଲାର ଶାନ୍ତ, ସୁଖଦ ପରିବେଶ ସାଙ୍ଗକୁ ଆରାମଦାୟକ ଜଳବାୟୁ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ଆଉ ଏହି ସୁଖଦ ପରିବେଶରେ ବସି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟକୁ ଉପଭୋଗ କରିବା ବେଶ୍ ନିଆରା ଲାଗେ।

* **ଶିବସାଗର ହ୍ରଦ:** ଏହା ଏକ କୃତ୍ରିମ ହ୍ରଦ, ଯାହାକି ସ୍ଥାନୀୟ କୋୟନା ଡ୍ୟାମ୍‌ର ନିର୍ମାଣ ଯୋଗୁ ସୃଷ୍ଟି ହୋଇଥିବା ସୂଚନା ରହିଛି। ଏହା ତପୋଲା ନିକଟବର୍ତ୍ତୀ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ଏଠାକାର ଶାନ୍ତ, ସ୍ୱଚ୍ଛ ଜଳରାଶିରେ ଡଙ୍ଗା ଚାଳନା ସହିତ ଅନ୍ୟାନ୍ୟ ଜଳକ୍ରୀଡାର ଆନନ୍ଦ ନେବାର ସମସ୍ତ ସୁବିଧା ଉପଲବ୍ଧ ଥିବାରୁ ପ୍ରାୟତଃ ପର୍ଯ୍ୟଟକଙ୍କର ଏଠାରେ ଭିଡ଼ ଦେଖିବାକୁ ମିଳେ। ଜମ୍ମୁ ଓ କଶ୍ମୀରର ଶ୍ରୀନଗରଠାରେ ଥିବା ପ୍ରସିଦ୍ଧ ଡାଲ୍ ହ୍ରଦର କିଛିଟା ଅନୁଭୂତି ଏହି ହ୍ରଦ ନିକଟରେ ମିଳୁଥିବାର ଅନେକ ଚର୍ଚ୍ଚା ମଧ୍ୟ ହୋଇଥାଏ।

* ସେହିପରି ଇତିହାସପ୍ରେମୀଙ୍କ ପାଇଁ ଏହି ଗାଁରେ ବାସୋଟା ନାମରେ ଏକ ପ୍ରାଚୀନ ଦୁର୍ଗ ଥିବାର ମଧ୍ୟ ସୂଚନା ରହିଛି। ଏହି ଦୁର୍ଗ ନିକଟରେ ପହଞ୍ଚିବାକୁ ହେଲେ ପର୍ଯ୍ୟଟକଙ୍କୁ ପାହାଡ ଓ ଜଙ୍ଗଲ ମଧ୍ୟଦେଇ ଯାତ୍ରା କରିବାକୁ ହୋଇଥାଏ।

* ତପୋଲାରେ କ୍ୟାମ୍ପିଙ୍ଗ୍‌ର ମଜା ନେବା ବି ବେଶ୍ ନିଆରା ଲାଗେ। ସାଙ୍ଗସାଥୀ କିମ୍ବା ବନ୍ଧୁ, ପରିଜନଙ୍କ ସାଙ୍ଗରେ କ୍ରିକେଟ, ଭଲିବଲ, କ୍ୟାରମ, ଚେସ୍ ତଥା ଅନ୍ୟ କୌଣସି ମଜାଦାର ଗେମ୍ ଖେଳି ତପୋଲାରେ କ୍ୟାମ୍ପିଙ୍ଗ୍ କରିବା ପର୍ଯ୍ୟଟକଙ୍କୁ କିଛିଟା ଭିନ୍ନ ଅନୁଭୂତି ପ୍ରଦାନ କରିଥାଏ।

* ତପୋଲା ଇକୋ ଆଣ୍ଡ ଆଗ୍ରୋ ଟୁରିଜମ୍ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ସହିତ ଭାବ ବିନିମୟ କରିବା ତଥା ସେମାନଙ୍କ ଜୀବନଶୈଳୀ ବିଷୟରେ ଅଧିକ ଜାଣିବାର ସୁଯୋଗ ବି ପର୍ଯ୍ୟଟକ ଚାହିଁଲେ ଏଠାରେ ନେଇପାରିବେ।


* ତପୋଲାରେ ଷ୍ଟ୍ରବେରି ଚାଷ ଭଲ ହୁଏ। ପର୍ଯ୍ୟଟକ ଚାହିଁଲେ ଷ୍ଟ୍ରବେରି କ୍ଷେତ ଆଡ଼େ ବୁଲିଯାଇ ଅନେକ ନିଆରା ଅନୁଭୂତି ସାଉଁଟିପାରିବେ। ଆଉ ସେଠାରୁ ସୁଲଭ ଦରରେ ଷ୍ଟ୍ରବେରି କିଣିପାରିବେ।

### କେବେ ଯିବେ

ବର୍ଷର ସବୁ ସମୟରେ ତପୋଲାକୁ ବୁଲିଯିବାର ସୁବିଧା ଥିଲେ ବି ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ଫେବୃୟାରୀ ହେଉଛି ଏଠାକୁ ଯିବା ପାଇଁ ସବୁଠୁ ଭଲ ସମୟ। କାରଣ ସେ ସମୟରେ ଏଠାରେ ବୁଲାବୁଲି କରିବାକୁ ପାଣିପାଗ ବେଶ୍ ଅନୁକୂଳ ରହିଥାଏ। କିଛି ପର୍ଯ୍ୟଟକ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ବି ଏଠାକୁ ଯିବା ପାଇଁ ଆଗ୍ରହୀ ଥାନ୍ତି। କାରଣ ସେ ସମୟରେ ସ୍ଥାନୀୟ ପାହାଡ଼ ଓ ଜଙ୍ଗଲ ସବୁଜିମାରେ ଭରିଯାଇ ଖୁବ୍ ସୁନ୍ଦର ଦେଖାଯାଇଥାଏ। ସେହିପରି ତପୋଲାକୁ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ପ୍ରଥମେ ମହାବଳେଶ୍ୱରରେ ପହଞ୍ଚିବାକୁ ହୋଇଥାଏ। ମହାବଳେଶ୍ୱରକୁ ଯିବା ପାଇଁ ଦେଶର ବିଭିନ୍ନ ସ୍ଥାନରୁ ବସ୍, ଟ୍ରେନ୍, ଫ୍ଲାଇଟ୍‌ର ସୁବିଧା ରହିଛି। ମହାବଳେଶ୍ୱରରେ ପହଞ୍ଚିବା ପରେ ସେଠାରୁ ଟ୍ୟାକ୍ସି ଭଡ଼ା କରି ଆରାମରେ ଜଣେ ଯାଇ ତପୋଲାରେ ପହଞ୍ଚିଯିବେ।

### କିଛି ଜାଣିବା କଥା

* ତପୋଲା ଗାଁର ଆଖପାଖ ଅଞ୍ଚଳ ବୁଲିବା ପାଇଁ କୌଣସି ପ୍ରବେଶ ଶୁଳ୍କ ପଡ଼େ ନାହିଁ। ହେଲେ ଶିବସାଗର ହ୍ରଦରେ ଜଳକ୍ରୀଡ଼ାର ମଜା ନେବା ପାଇଁ ପର୍ଯ୍ୟଟକଙ୍କୁ ସ୍ୱତନ୍ତ୍ର ଟିକେଟ୍ କାଟିବାକୁ ହୋଇଥାଏ।





# ପଦ୍ମ କାହିଁକି ଜାତୀୟ ପୁଷ୍ପ

**ପଦ୍ମ, ପଙ୍କରୁ ଜାତ ହେଲେ ନ ଥାଏ ଟିକେ ବି ଦାଗ। ଦେଖିବାକୁ ଖୁବ ସୁନ୍ଦର, ଖୁବ୍ ଆକର୍ଷକ। ଏହା ଯେ କେବଳ ଦେଖିବାକୁ ସୁନ୍ଦର ତାହା ନୁହେଁ, ଏହା ଭାରତୀୟ ସଂସ୍କୃତିକୁ ବି ପ୍ରତିନିଧିତ୍ୱ କରେ। ତା'ସହ ଭାରତର ଜାତୀୟ ପୁଷ୍ପର ମାନ୍ୟତା ବି ମିଳିଛି ଏହି ଫୁଲକୁ। ତେବେ ପଦ୍ମକୁ ହିଁ ଏହି ମାନ୍ୟତା କାହିଁକି ମିଳିଛି ଜାଣିବା ସେ ସମ୍ପର୍କରେ...**

ଭାରତର ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ, ଓଡ଼ିଶା, ଉତ୍ତରପ୍ରଦେଶ, ଆସାମ ଆଦି ରାଜ୍ୟର ପୁଷ୍କରିଣୀ, ହ୍ରଦ ଓ ଆର୍ଦ୍ରଭୂମିରେ ପଦ୍ମ ଫୁଲ ଫୁଟୁଥିବା ଦେଖିବାକୁ ମିଳେ। କଶ୍ମୀରର ଡାଲ ହ୍ରଦରେ ବି ପଦ୍ମଫୁଲ ଫୁଟିଥାଏ। ଖାସ୍‌କରି ସ୍ଥିର ଜଳ ଯେମିତି କି ପୁଷ୍କରିଣୀ, ହ୍ରଦରେ ପଦ୍ମ ଫୁଟେ। ଏହା ଉଭୟ ଅଗଭୀର ମଧୁର ଜଳ ଏବଂ ସନ୍ତସନ୍ତିଆ କାଦୁଆ ସ୍ଥାନରେ ଜୀବନଧାରଣ କରିପାରେ। ତା'ସହ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ପୁନଃ ଅଙ୍କୁରିତ ହୋଇପାରେ। ଯାହା କି ଯେକୌଣସି ପରିସ୍ଥିତିରେ ବି ଜୀବିତ ରହିବା ସହ ହୃଦୟ, ମନ ଓ ଆତ୍ମାରେ ପବିତ୍ର ରହିବାକୁ ଦର୍ଶାଏ। ଏହାକୁ ଶକ୍ତି ଓ ଆଶାର ପ୍ରତୀକ ଭାବେ ମଧ୍ୟ ଗଣନା କରାଯାଏ। ଅର୍ଥାତ୍ ଯେତେ ନକାରାତ୍ମକତା ଭରି ରହିଥିଲେ ବି ତାକୁ ଆଡ଼େଇ ସଫଳତା ପଥରେ ଯିବାକୁ ହେବ ଓ ସାରା ଦୁନିଆକୁ ନିଜ ଚମକରେ ଚମକାଇବାକୁ ହେବ ବୋଲି ଏହା ଦର୍ଶାଏ।

ପଦ୍ମ ଫୁଲ ରାତିରେ ମୁଦି ହୋଇ ପାଣିରେ ବୁଡ଼ି ରହେ ଆଉ ଭୋର୍ ହେବା ପରେ ଜଳର ଉପର ଭାଗକୁ ଆସି ତା'ର ପାଖୁଡ଼ା ମେଲିଦିଏ। ଏହି ଚକ୍ର ମସ୍ତିଷ୍କ ଓ ହୃଦୟର ପବିତ୍ରତା, ପୁନର୍ଜୀବନ ପ୍ରାପ୍ତ କରିବା ଓ ନାନା ପ୍ରତିକୂଳ ପରିସ୍ଥିତିରେ ବି ଉପରକୁ ଉଠିବାକୁ ଦର୍ଶାଏ। ଏହା ସୌନ୍ଦର୍ଯ୍ୟର ପ୍ରତୀକ ହେବା ସହ ଅନାଶକ୍ତିର ବି ପ୍ରତୀକ।

ଭାରତର ପ୍ରାଚୀନ ପ୍ରଥା, ପରମ୍ପରା, ଧର୍ମ, ଲୋକକଥା ଏବଂ ପୌରାଣିକ କଥାରେ ପଦ୍ମ ଫୁଲର ବହୁତ ମହତ୍ତ୍ୱ ରହିଛି। ହିନ୍ଦୁଧର୍ମ, ବୌଦ୍ଧଧର୍ମ ଓ ଜୈନ ଧର୍ମରେ ପଦ୍ମକୁ ପବିତ୍ର ଫୁଲଭାବେ ଗଣନା କରାଯାଏ। ହିନ୍ଦୁ ଦେବୀଦେବତାଙ୍କର ଏହା ଖୁବ୍ ପ୍ରିୟ ବୋଲି ବିଭିନ୍ନ ପୁରାଣ କଥାରେ ଉଲ୍ଲେଖ ରହିଛି। ମା' ସରସ୍ୱତୀ ପଦ୍ମ ଫୁଲରେ ବିରାଜମାନ ହେଉଥିବା ବିଭିନ୍ନ ଚିତ୍ରରେ ଦେଖିବାକୁ ମିଳନ୍ତି। ମା' ଲକ୍ଷ୍ମୀଙ୍କର ଏହା ବହୁତ ପ୍ରିୟ ଓ ଭଗବାନ ବିଷ୍ଣୁ ହାତରେ ପଦ୍ମ ଫୁଲ ଧାରଣ କରିଥାନ୍ତି ବୋଲି ପୁରାଣରେ ବର୍ଣ୍ଣିତ। ତା'ସହ ଭଗବାନ ବିଷ୍ଣୁଙ୍କ ଆଖିକୁ 'କମଳଲୋଚନ' ଓ ତାଙ୍କ ଚରଣକୁ 'ଚରଣ କମଳ' ବୋଲି କୁହାଯାଏ। ପଶ୍ଚିମ ବଙ୍ଗରେ ଦୁର୍ଗା ପୂଜାରେ ଏହି ଫୁଲକୁ ପୂଜା କରାଯାଇଥାଏ। ବୌଦ୍ଧଧର୍ମରେ କମଳ ଶାନ୍ତି ଓ ଜ୍ଞାନର ପ୍ରତୀକ। ଭଗବତ ଗୀତା ଏହାକୁ ବୈରାଗ୍ୟ ରୂପରେ ପ୍ରୟୋଗ କରିଥାଏ। ଆଉ କହିଥାଏ ଯେମିତି କମଳ ପଙ୍କରୁ ଜାତ ହୋଇ ବି ସେହି ଅପରିଷ୍କାର ପାଣି ଦ୍ୱାରା ପ୍ରଭାବିତ ହୋଇ ନ ଥାଏ। ସେହିଭଳି ମଣିଷଙ୍କୁ ବି ସାଂସାରିକ ଆସକ୍ତିରୁ ଊର୍ଦ୍ଧ୍ୱକୁ ଉଠିବା ଦରକାର।

ଏହାର ଉପଯୋଗ ଯୋଗ ଓ ଧ୍ୟାନରେ ଶାନ୍ତିର ପ୍ରତୀକ ଭାବେ ମଧ୍ୟ କରାଯାଏ।

ଏହାର ବିଜ ଓ ମୂଳ ଖାଇବା ଯୋଗ୍ୟ। ଆୟୁର୍ବେଦ ଚିକିତ୍ସାରେ ବି ଏହାକୁ ବ୍ୟବହାର କରାଯାଏ।

ଭାରତର ରାଷ୍ଟ୍ରୀୟ ପ୍ରତୀକ ଅଶୋକ ସ୍ତମ୍ଭ ବି ଏକ ଓଲଟା ପଦ୍ମ ଫୁଲ ଉପରେ ବିରାଜମାନ କରିଥିବା ଦେଖିବାକୁ ମିଳେ, ଯାହାକି ପଦ୍ମ ଫୁଲର ମହତ୍ତ୍ୱକୁ ଦର୍ଶାଇଥାଏ।

ଭାରତର ପ୍ରାଚୀନ କଳା, ସଂସ୍କୃତି, ସ୍ଥାପତ୍ୟ, ସାହିତ୍ୟର ବି ପଦ୍ମ ଫୁଲ ଏକ ଅଂଶ। ମନ୍ଦିରର କାରୁକାର୍ଯ୍ୟ, ସ୍ଥାପତ୍ୟ ସହ ଚିତ୍ରକଳା, ଧର୍ମଗ୍ରନ୍ଥ ଆଦିରେ ବି ପଦ୍ମ ଫୁଲର ସ୍ୱତନ୍ତ୍ର ସ୍ଥାନ ଦେଖିବାକୁ ମିଳେ। ବିଭିନ୍ନ ଦୃଷ୍ଟିକୋଣରୁ ପଦ୍ମ ଫୁଲର ମହତ୍ତ୍ୱ ଭାରତରେ ରହିଛି। ଖାସ୍ ସେଇଥିପାଇଁ ଏହି ଫୁଲକୁ ଜାତୀୟ ଫୁଲର ମାନ୍ୟତା ମିଳିଛି।





# ସୁନାର ବାର୍ବେକ୍ୟୁ ଗ୍ରୀଲ୍

ଭେଜ୍ ଓ ନନ୍ ଭେଜ୍‌କୁ ବାର୍ବେକ୍ୟୁ ଗ୍ରୀଲରେ ଗ୍ରୀଲ କରି ଖାଇବାର ମଜା ଅଲଗା। ଭାବିଲେ ଯଦି ସେ ବାର୍ବେକ୍ୟୁ ଗ୍ରୀଲ ସୁନାର ହୋଇଥିବ ତେବେ ତା'ର ଅନୁଭୂତି କେମିତି ରହିବ ? ସେଥିରେ ଗ୍ରୀଲ ହୋଇଥିବା ଖାଦ୍ୟ ତ ସ୍ୱାଦିଷ୍ଟ ଲାଗିବ ତା'ସହ ସୁନାର ବାର୍ବେକ୍ୟୁ ଗ୍ରୀଲ୍ ଏକ ଅଭୁଲା ଅନୁଭବ ବି ଦେବ। ଭାବୁଥିବେ ସୁନାର ବାର୍ବେକ୍ୟୁ ଗ୍ରୀଲ କ'ଣ ଅଛି ? ହଁ ଅଛି। ଆଉ ଏହା ପୃଥିବୀର ସବୁଠାରୁ ଦାମୀ ବାର୍ବେକ୍ୟୁ ଗ୍ରୀଲର ମାନ୍ୟତା ବି ପାଇଛି। ଚକ୍ ଚକ୍ କରୁଥିବା ଏହି ଗୋଲ୍ଡ ପ୍ଲେଟେଡ ବାର୍ବେକ୍ୟୁ ଗ୍ରୀଲ୍‌କୁ 'ବିଫ୍‌ଇଟର୍' ନାମକ କମ୍ପାନୀ ତିଆରି କରିଛି, ଯାହାର ମୂଲ୍ୟ ୧୫୫୦୦୦ ଡଲାରରୁ ଊର୍ଦ୍ଧ୍ୱ। ଏଥିରେ ୬ଟି ବର୍ନର ଅଛି। ତା'ସହ ଏଥିରେ କ୍ୱାର୍ଜ ଷ୍ଟାର୍ଟ ଇଗ୍ନିସନ୍ ଟେକ୍ନୋଲୋଜି ସିଷ୍ଟମ, ଭାପୋରାଇଜର୍ ଗ୍ରୀଡ, ଗୋଟିଏ ରୋଷ୍ଟିଂ ହୁଡ, ୱାର୍ମିଂ ର୍‍ୟାକ୍ ଓ ରିଫ୍ଲେକ୍ଟର ସିଷ୍ଟମ ଅଛି। ଏହି ଦାମୀ ବାର୍ବେକ୍ୟୁ ଗ୍ରୀଲ ଯାହା ବାଡିପଟେ ରହିବ ତାହା ତାଙ୍କ ଷ୍ଟାଟସ୍‌କୁ ନିଶ୍ଚୟ ବଢ଼େଇବ।





କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ଆମ ସାହିତ୍ୟର ହାଲ ଚାଲ

ସାହିତ୍ୟ ତଥା ସାହିତ୍ୟିକମାନଙ୍କ ଭିତରେ ବିବାଦ କିଛି ନୂଆ କଥା ନୁହେଁ। ବିଚାର ଧାରା, ଲେଖକଙ୍କ ସାମର୍ଥ୍ୟ ଓ ଶୈଳୀକୁ ନେଇ ତର୍କ ବିତର୍କର ବିସ୍ତୃତ ଇତିହାସ ଅଛି । ଏପରିକି ଅନେକ ସମୟରେ ବିବାଦରୁ ଝଗଡା ଓ ଝଗଡ଼ାରୁ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିବାର ଦୃଷ୍ଟାନ୍ତ ଶୁଣିବାକୁ ମିଳେ । ଓଡ଼ିଆ ସାହିତ୍ୟରେ ମଧ ଏହିପରି ଅନେକ ଘଟଣା ଅଛି । ସାହିତ୍ୟ ସଭାରେ ଢେଲା ମାଡ଼ ଓ ଏସିଡ ଫିଙ୍ଗା ଭଳି ଘଟଣା ଅତୀତରେ ଘଟିଛି। ଏ ସବୁ ଦେଖି ସେତେବେଳେ ଫତୁରାନନ୍ଦ ଲେଖିଥିଲେ ଓଡ଼ିଆ ସାହିତ୍ୟରେ ଆମ୍ବୁଲାନ୍ସ ଯୁଗ । ସଭାରେ ବିରୋଧି ବକ୍ତାଙ୍କ ସହ କଥା କଟା କଟି ହେଲା ପରେ ସଭା ପଛପଟୁ ଢେଲା ମାଡ଼ରେ ବକ୍ତା ଆହତ ହୋଇ ଆମ୍ବୁଲାନ୍ସରେ ମେଡ଼ିକାଲ ଯିବା ଘଟଣାକୁ ଫତୁରାନନ୍ଦ ତାଙ୍କ ଅନନ୍ୟ ଶୈଳୀରେ ଯାହା ଲେଖିଛନ୍ତି ତାକୁ ସେ ସମୟରେ ଘଟିଥିବା ଅନେକ ସାହିତ୍ୟିକମାନଙ୍କ ଲଢେଇର ଲେଖାଯୋଖା ଦସ୍ତାବିଜ କହିଲେ ଅତ୍ୟୁକ୍ତି ହେବନାହିଁ ଯାହା ଆଜି ଓଡ଼ିଆ ସାହିତ୍ୟର ଉତ୍ତର ଆଧୁନିକ ଯୁଗରେ ମଧ ପ୍ରାସଙ୍ଗିକ ଲାଗେ।

ପଣ୍ଡିତମାନଙ୍କ ଭିତରେ ମତାନ୍ତର ଶାସ୍ତ୍ର ଓ ମତବାଦକୁ ନେଇ ହେଉଥିଲା ବେଳେ କ୍ରିୟା ବିହୀନ ପ୍ରତିକ୍ରିୟାଜୀବୀଙ୍କ ତର୍କ ବ୍ୟକ୍ତିଗତ ଆକ୍ଷେପକୁ ନେଇ ହୁଏ । ଆଗରୁ ସାହିତ୍ୟିକମାନଙ୍କ ତର୍କ ଭିତରୁ ତତ୍ତ୍ୱ ବାହାରୁଥିଲା। ଏହି ତର୍କ ବିତର୍କ ନ ହୋଇଥିଲେ ଅନେକ ନୂତନ ତଥ୍ୟ ବିଷୟରେ ଜଣା ପଡି ନ ଥାନ୍ତା। ସେତେବେଳେ ଯାହା ସବୁ ବିବାଦ ତାହା ସମ୍ବାଦପତ୍ର, ପତ୍ରିକା ଓ ବ୍ୟକ୍ତିଗତ ଚିଠି ଦ୍ୱାରା ହେଉଥିଲା । ଏବେ ଯୁଗ ବଦଳିଛି । ଆକ୍ଷେପ ପ୍ରତିଆକ୍ଷେପର ମାଧ୍ୟମ ମଧ ବଦଳିଛି । ପ୍ରତିକ୍ରିୟାଜୀବୀମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବିଶେଷ କରି ଫେସବୁକ ଆଣିଦେଇଛି ଏକ ସୁବର୍ଣ୍ଣ ସୁଯୋଗ । ତୁରନ୍ତ ପ୍ରତିକ୍ରିୟା, ନିଜକୁ ଉହ୍ୟ ରଖି ଅନ୍ୟକାହାକୁ ଯାବତୀୟ ଗାଳି କରିବା ଓ ଅଗ୍ରଜଙ୍କୁ ଆଭୂମି ପ୍ରଣାମ କରୁଥିବା ନବପ୍ରଜାତମାନେ ପଥିତଯଶାଙ୍କୁ ପ୍ରତ୍ୟକ୍ଷ ଗାଳି କରିବା ଭଳି ସୁଯୋଗ କେବଳ ଫେସବୁକରେ ସମ୍ଭବ । ସବୁଠୁ ଉଲ୍ଲେଖନୀୟ ହେଲା ଏଠି ଢେଲା ମାଡ଼ କିମ୍ବା ଏସିଡ ଫୋପଡା ଭଳି ଆସାମାଜିକ କାର୍ଯ୍ୟ ହୁଏନି । ବରଂ ଅତ୍ୟନ୍ତ ନିମ୍ନ ସ୍ତରର ଅରୁଚିକର ଶବ୍ଦ ପ୍ରୟୋଗ ଓ ନର ସହ ନାରୀକୁ କିମ୍ବା ନାରୀ ସହ ନରକୁ ସତ ମିଛ ଯୋଡି ତା'ର ଚାରିତ୍ରିକ ଚରିତ୍ର ସଂହାର କରିବା ଭଳି ଅତି ସହଜ ସୁଲଭ ଉପାୟରେ ରାଗ ସୁଝେଇ ହୁଏ ।

ଆଗରୁ ସାହିତ୍ୟର ପେଣ୍ଠସ୍ଥଳ ଭାବେ ପରିଚିତ କଟକରୁ ସାହିତ୍ୟ ଯାଇ ଏବେ ଭୋଳସରରେ ଉଠିଲାଣି । ପ୍ରଭୁ ଲିଙ୍ଗରାଜ ବିଜେ ଏହି ପାବନ ଭୂମିର ଚାରିଦିଗରେ ରହିଛି ସାହିତ୍ୟର ଚାରିଧାମ । ବିଶ୍ୱାସ ଅଛି ସାହିତ୍ୟ ଅନୁରକ୍ତମାନେ ଚାରିଧାମ ବୁଲି ପୀଠାଧିଶମାନଙ୍କୁ ଦର୍ଶନ କରି କୃପାଲାଭ କଲେ ଜାଣ ସୃଜନ ତୀର୍ଥଯାତ୍ରା ସଫଳ ହେବ । ପ୍ରତିଧାମର ପୀଠାଧୀଶଙ୍କୁ ସୁରକ୍ଷା ଦେବାକୁ ଧାମ ସମର୍ଥିତ କିଛି ନାଗା ଆଖଡା ଅଛି । ଏ ନାଗାମାନଙ୍କ ନଗା ନ ଥାଏ କି ପଘା ନ ଥାଏ । ଦରକାର ପଡ଼ିଲେ ପିଠାଧୀଶଙ୍କ ବୃହତ୍ତମ ସ୍ୱାର୍ଥ ପାଇଁ ସର୍ବସାଧାରଣରେ ଏମାନେ ପୁରା ନଂଗା ହେବାକୁ ମଧ ପଛାନ୍ତି ନାହିଁ । ଉନ୍ନତ ସେବା ପାଇଁ ଅନେକ ସମୟରେ ଏହି ସାହିତ୍ୟ ରକ୍ଷକ ନାଗା ସେବକମାନଙ୍କୁ ପିଠାଧୀଶମାନେ ସ୍ଥଳବିଶେଷରେ ମାନପତ୍ର, କବିତା ପାଠୋତ୍ସବରେ ସୁଯୋଗ, ଲେଖା ପ୍ରକାଶିତ କିମ୍ବା ପୁସ୍ତକ ଉନ୍ମୋଚନ ସଭାରେ ଅତିଥି ପରିଚୟ ଭଳି କିଛି କିଛି ଭୋଗେଇ ପ୍ରସାଦ ଦେଇ ତୁଷ୍ଟ କରନ୍ତି । ଧାମର ସ୍ୱାର୍ଥରେ ଟିକିଏ ବି ଆଞ୍ଚ ଆସିଲେ ପ୍ରଥମେ ଏହି ସାହିତ୍ୟିକ ଆଖଡାର ନାଗା ସେବକମାନେ ଚଳଚଞ୍ଚଳ ହୋଇଯାଆନ୍ତି । ଫେଶ ବୁକରେ ଥାକେ ଥାକେ ରଚନା ଲେଖି ତୁମ୍ଭି ତୋଫାନ କରନ୍ତି । ପିଠାଧୀଶ ପ୍ରଚ୍ଛଦରେ ଥାଇ ଏମାନଙ୍କୁ ଉସକାଇ ମୈଦାନ ପାଇଁ ତୟାର କରନ୍ତି । ଯାଙ୍କ କାନ୍ଧରେ ବନ୍ଧୁକ ରଖି ଗୁଳି ଫୁଟେଇବାରେ ସଫଳ ହୁଅନ୍ତି । ନିଜ ସ୍ୱାର୍ଥ ପୁରାହେଇଗଲେ ସବୁ ଧାମର ମହନ୍ତମାନେ ଗଙ୍ଗା ଘାଟରେ ଏକାଠି ବୁଡ଼ ପକେଇ ଶୁଦ୍ଧ ହୋଇଯାଆନ୍ତି ।

ଗତ ନିର୍ବାଚନ ପୂର୍ବର ଏକ ଘଟଣା ମନେ ପଡୁଛି । ଜଣେ ନେତା ଆମ ଗାଆଁରେ ତାଙ୍କର ଏକ ଦଳୀୟ ଅଫିସ ଖୋଲିଥାନ୍ତି । ଦିନେ ସକାଳୁ ଦେଖିଲି ଆମ ସାହିର ବିଶୁ ଗୋଟେ ଟ୍ରଲି ରିକ୍ସାରେ ଆସିଥିବା ଚାରି ପାଞ୍ଚ ଗଣ୍ଡିଲି କଳା ପତକାକୁ ନେଇ ଅଫିସରେ ରଖୁଛି । ଉତ୍ସୁକତାର ସହ ବିଶୁକୁ ପଚରିବାରେ ସେ କହିଲା କାଲି ମନ୍ତ୍ରୀ ଏଇ ବାଟ ଦେଇ ଯିବେ ତାଙ୍କୁ କଳା ପତାକା ଦେଖେଇବା ପାଇଁ ଏ ସବୁ ଆସିଛି । ବିଳମ୍ବିତ ସନ୍ଧ୍ୟାରେ କାମରୁ ଫେରିଲା ବେଳେ ଦେଖିଲି ଅଫିସ ସଟର୍ ଅଧା ବନ୍ଦ ଅଛି ଆଉ ବିଶୁ ଟେବୁଲ ଉପରେ ମୁହଁ ମାଡି ଶୋଇଛି । ତାକୁ ଉଠେଇ ପଚାରିଲି ଏସବୁ କଳା ପତାକା ପରା ରାସ୍ତା ସାରା ବନ୍ଧା ହେବାର ଥିଲା ରାତି ଆସି ହେଲାଣି ପତାକା କେତେବେଳେ ବନ୍ଧା ହେବ । ବିଶୁ ବଡ଼ ନିରାଶ ସ୍ୱରରେ କହିଲା ଭାଇ ଆମ ନେତା ଏବେ ସେଇ ମନ୍ତ୍ରୀଙ୍କ ପାଖରେ ବସି ଆଲୋଚନା କରୁଛନ୍ତି। ଶୁଣୁଛି କାଳେ ଆମ ନେତା କାଲି ମନ୍ତ୍ରୀଙ୍କ ଦଳରେ ଯୋଗ ଦେବେ । ସେଇ ଖବରକୁ ଅପେକ୍ଷା କରି ଏଠି ଅଫିସ ଜଗିଛି । ଏ ସାହିତ୍ୟିକ ଅଙ୍ଗରକ୍ଷକଙ୍କ ଅବସ୍ଥା ମୋଟା ମୋଟି ଏମିତିକା । ମଜା କଥା ହେଲା ପ୍ରଭୁ ଷାଠିଏ ପଉଟି ଭୋଗ ଖାଇଲା



ପରେ ତାମ୍ବୁଳ ସେବନ କରି ରତ୍ନସିଂହାସନରେ ବସି ଗୀତଗୋବିନ୍ଦ ଶୁଣୁଥିବା ବେଳେ ବାହାରେ ତାଙ୍କ ଅଙ୍ଗରକ୍ଷକ ଦଇତାପତି ସେବକମାନଙ୍କ ପରସ୍ପର ଉପରେ କାଦୁଅ ଫିଙ୍ଗାର ଦୃଶ୍ୟ ବଡ଼ ବିକଳ ଲାଗେ । କାଲି ଯେଉଁ ଧାମ ଅନୁରକ୍ତ, ପୀଠାଧିଶଙ୍କ ପଦ ସେବା କରୁଥିଲା ଆଜି ଅନ୍ୟ କିଛି ସ୍ୱାର୍ଥ ପାଇଁ ତାଙ୍କୁ ଗାଳି କରୁଛି ପୁଣି କାଲି ସ୍ୱାର୍ଥ ହାସଲର ଲେବନଚୁସ୍ ପାଇଗଲେ ତେଲି ତେଲ ଏକ ହେଇଯିବେ। ଗୋଟିଏ ଗାମୁଛା ନେଇ ତୁଠକୁ ଯିବେ । ସେତେବେଳେ ଏ ଅଙ୍ଗରକ୍ଷୀ ନାଗା ସେବକମାନଙ୍କ ବିକଳ ଅବସ୍ଥା ଠିକ ଆମ ବିଶୁ ଭଳି ହୁଏ । କର୍ମୀ କଳା ପତାକା ଧରି ବସିଥିବ ସେପଟେ ନେତା ବିରୋଧୀଙ୍କ ଦଳରେ ମିଶି ଯିବେଣି । ଦିନେ କେବେ ସହିତ୍ୟର ମାନ ପାଇଁ ଜାନ୍ ଦେଇଦେବାକୁ ଶପଥ ନେଇଥିବା ଅନେକ ନଂଗା ସେବକ ପିଠାଧୀଶଙ୍କ ସ୍ୱାର୍ଥ ହାସଲ ପର କରଛଡାର ବାସ୍ତବ ରୂପ ଦେଖିଲା ପରେ ଏବେ ସାହିତ୍ୟ ଠାରୁ କୋଷେ ଦୂରରେ ରହି ପ୍ରତାରଣାର ଗୀତ ଗାଉଛନ୍ତି ।

ସରକାରୀ ଭାଷାରେ କେବଳ ଦୁଇଜଣ ନାବାଳକ । ଜଣେ ହେଲେ ଜଗତର ହର୍ତ୍ତାକର୍ତ୍ତା ଭଗବାନ ଆଉ ଗୋଟେ ହେଲା ସଂସ୍କୃତି । ଠାକୁରଙ୍କ ଭଲ ମନ୍ଦ ବୁଝାସୁଝା କରିବାକୁ ମନ୍ଦିରମାନଙ୍କରେ ଟ୍ରଷ୍ଟ ଗଢି ତାଙ୍କୁ ପରିଚାଳିତ କରିବା ପାଇଁ ଗୋଟେ ଏଣ୍ଡାମେଣ୍ଟ ବିଭାଗ ଖୋଲାଯାଇଛି । ଠିକ ସେମିତି ଚିର ବାଳୁତ ଆମ ସଂସ୍କୃତିର ବିଭିନ୍ନ ବିଭାଗର ରକ୍ଷଣାବେକ୍ଷଣ ପାଇଁ କିଛି ଆୟାମାନଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନେ ପିଲାର କାନ ଫୋଡା, ଅନ୍ନପ୍ରାସନ, ଖଡ଼ିଛୁଆଁ, କଡ଼ଲେଉଟା ଭଳି ସବୁ ବିଶେଷ ଦିନମାନଙ୍କରେ ସତ୍ୟନାରାୟଣ ପୂଜା କରି ଭକ୍ତମାନଙ୍କୁ ଶିରିଣୀ ଭୋଗରେ ଆପ୍ୟାୟିତ କରନ୍ତି । କିଛି ପ୍ରମୁଖ ଦିନମାନଙ୍କରେ କଥା ପ୍ରବଚକମାନଙ୍କୁ ଡାକି ଦ୍ୱିଦିବସୀୟ, ତ୍ରିଦିବସୀୟ ନାମ ସଂକୀର୍ତ୍ତନ ମଧ କରନ୍ତି । ଏ ସବୁ ଯାବତୀୟ ଖର୍ଚ୍ଚବାର୍ଚ୍ଚ ପାଇଁ ଭଣ୍ଡାର ଘର ଟିଏ ଖୋଲାଯାଇଛି। ଏତେସବୁ ପରେ ବି, ନିଜ ଜନ୍ମକଲା ପିଲାଙ୍କୁ ଛାଡି ଚିରବାଳୁତ ସାହିତ୍ୟର ଲାଳନପାଳନ, ଖାଦ୍ୟପେୟ, ଜଗାରଖା ସ୍ୱାସ୍ଥ୍ୟ ଅବସ୍ଥା ବୁଝାବୁଝି କାମରେ ଝାଳ ନାଳ ଏହି ଆୟାମାନଙ୍କ କର୍ତ୍ତବ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଗଲେ ବିରୋଧୀ ଧାମର ପୀଠାଧିଶମାନଙ୍କ ଅଶ୍ରାବ୍ୟ ଗାଳିର ଶିକାର ହୁଅନ୍ତି । ସରକାରୀ ଧନରେ ନିଜ ଆନୁଗତ୍ୟମାନଙ୍କ ସ୍ୱପ୍ନକୁ ଚରିତାର୍ଥ କରିବାକୁ ଚାରି ଧାମର ପୀଠାଧିଶମାନଙ୍କ ଭିତରେ ଛକା ପଞ୍ଝା ଅନବରତ ଚାଲିଥାଏ। ନିତି ସଭାରେ ସାହିତ୍ୟକୁ ନେଇ ଭାବପ୍ରବଣ ହେଇଯାଉଥିବା ସାହିତ୍ୟର ମହନ୍ତମାନଙ୍କ ଭାଷଣ ଶୁଣିଲେ ଲାଗିବ ଯେମିତି ସାହିତ୍ୟ ଅଛି ବୋଲି ଜାଣ ବ୍ରହ୍ମାଣ୍ଡ ଶୂନ୍ୟରେ ଘୁରୁଛି ନଚେତ କେବେଠୁ ତଳକୁ ଖସି ପଡ଼ନ୍ତାଣି ।

କେବଳ ସାହିତ୍ୟ ହିଁ କାଳେ ମଣିଷକୁ ସହନଶୀଳ, ସମ୍ବେଦନଶୀଳ ମାନବୀୟ କରେ ଭଳି ଅନେକ କର୍ଣ୍ଣସୁଖ କଥା କହିଲା ବେଳେ ସେମାନଙ୍କ ପାଟିରେ ବାତୁଳି ବାଜେନି । ହେଲେ ବାସ୍ତବତା ଏଠି ଭିନ୍ନ । ଏମାନେ ନିଜ ସ୍ୱାର୍ଥ ହାସଲ ପାଇଁ ପରଶ୍ରୀକାତର ଓ ଅସୁୟାଭାବର ଚରମ ସୀମାରେ ପହଞ୍ଚି ଯାଆନ୍ତି । ସହନଶୀଳ ସମ୍ବେଦନଶୀଳ ଭଳି ସବୁ ଶୀଳ ଭୁଲି ଅଶ୍ଳୀଳ ଭାଷାରେ ପରସ୍ପରର ଗୋଇ ଖୋଳିବା ଠାରୁ କିଏ ପରୀକ୍ଷାରେ କପି କରି ପାସ କରିଥିଲେ, କିଏ ସରକାରୀ ତହବିଲ ତୋଷାରପାତରେ ଦଣ୍ଡିତ ହୋଇଥିଲେ। କିଏ ଘୁଷ ଦେଇ କେଉଁ ପଦବୀ ପାଇଥିଲେ । କିଏ ପରକ୍ରିୟା ପ୍ରୀତିରେ ଲିପ୍ତ ତ କିଏ ପ୍ରିୟାପ୍ରୀତି କରି ଯୋଗାଡ଼ିଆ ଗୁଣରେ ମାନ ସମ୍ମାନ ହାତେଇଛନ୍ତି ଇତ୍ୟାଦିର ପୂର୍ବାପର ତଥ୍ୟ ଦେଇ ସାମାଜିକ ଗଣମାଧ୍ୟମରେ ଲେଖନ୍ତି । ଗୋଟେ ଚିରବାଳୁତର ବିତର୍କିତ ସେବା ପାଇଁ ସ୍ୱାଭିମାନି ସାହିତ୍ୟିକମାନେ ଯେ କୌଣସି ସ୍ତରକୁ କାହିଁକି ଖସି ଯାଆନ୍ତି ତାହା ନିଶ୍ଚିତଭାବେ ଗବେଷଣା ସାପେକ୍ଷ । ବିଳମ୍ବରେ ହେଲେ ବି ପ୍ରଭୁଙ୍କ ରତ୍ନ ଭଣ୍ଡାରର ଭେଦ ଜଣାପଡିଲା ହେଲେ ସାହିତ୍ୟ ଭଣ୍ଡାର ଜଗିବାକୁ ଭଣ୍ଡାରୀମାନଙ୍କ ଏତାଦୃଶ୍ୟ ଆଗ୍ରହର ଭେଦ ସାତ ତାଳ ପାଣି ତଳେ ସାତ ତାଳ ପଙ୍କ ଓ ତା' ତଳେ ଥିବା ସାତ ତାଳ ଟାଣ ମାଟି ଠାରୁ ଆହୁରି ଗହନ ଆହୁରି ଦୁର୍ଭେଦ୍ୟ । ଖାସ୍ ସାହିତ୍ୟର ବୃହତ୍ତମ ସେବା କରିବା ପାଇଁ ତଥାକଥିତ ପ୍ରତିଷ୍ଠିତ ସାହିତ୍ୟିକମାନେ ରାଜ ଦରବାରରେ ଗୋଟେ ଗୋଟେ ଭାଟ ପଦବୀ ହାତେଇବା ପାଇଁ ନିଜର ଆତ୍ମସମ୍ମାନ ଭୁଲି ଯେପରି ରାଜାଙ୍କ ସ୍ତୁତିଗାନରେ ଲିପ୍ତ ଅଛନ୍ତି ଲାଗୁଛି ସମୟର ବିବର୍ତ୍ତମାନର କଣ୍ଟା ଦରବାରୀ ସାହିତ୍ୟ ଯୁଗରୁ ଆସି ପୁଣି ସେଇଠି ପହଞ୍ଚି ଗଲାଣି।

-ବନମାଳୀ ଭବନ, ଖାନନଗର, କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ମଧ୍ୟାହ୍ନରେ ସୂର୍ଯ୍ୟାସ୍ତ

**ସୁବାସ ଚନ୍ଦ୍ର ମହାପାତ୍ର, ଏଥେନା ବୁକ୍ସ, ଭୁବନେଶ୍ୱର-୨, ମୂଲ୍ୟ- ୧୫୦ଟଙ୍କା**


'ମଧ୍ୟାହ୍ନରେ ସୂର୍ଯ୍ୟାସ୍ତ' ସୁବାସ ଚନ୍ଦ୍ର ମହାପାତ୍ରଙ୍କ ନାଟକ ପୁସ୍ତକ । ସତ୍ୟ ଉପରେ ଭରସା ଓ ନ୍ୟାୟରେ ବିଶ୍ୱାସ ରଖୁଥିବା ଏକ ଆଦର୍ଶବାଦୀ ପରିବାରର କରୁଣ କାହାଣୀକୁ କେନ୍ଦ୍ରକରି ନାଟକର କାହାଣୀ ଗତିଶୀଳ। ଦୟାନିଧି ଦାସ ଜଣେ ଗାନ୍ଧୀବାଦୀ ମଣିଷ । ରୋଗଣା ସ୍ତ୍ରୀ ବାସନ୍ତିଙ୍କ ଚିକିତ୍ସା, ସୂର୍ଯ୍ୟର ଇଞ୍ଜିନିୟରିଂ ପଢାଖର୍ଚ୍ଚ, ସାନପୁଅ ଚିନ୍ମୟର ପଢାଖର୍ଚ୍ଚ ଆଦିକୁ ନେଇ ବାପାଙ୍କ ଅମଳର ଜମି ବିକ୍ରି କରି ସେ ସର୍ବସ୍ୱାନ୍ତ। ଭରସା କେବଳ ସରକାରଙ୍କ ପକ୍ଷରୁ ମିଳୁଥିବା ସ୍ୱାଧୀନତା ସଂଗ୍ରାମୀ ପେନ୍‌ସନ୍ । ଘର ପରିସ୍ଥିତି ଦେଖି ସ୍ତ୍ରୀ ବାସନ୍ତୀ ଭାଙ୍ଗି ପଡିଛନ୍ତି । ଦୟାନିଧି ପ୍ରବୋଧନା ଦେଇ କୁହନ୍ତି, ଖାଲି ସୂର୍ଯ୍ୟ ଚାକିରିଟା ପାଇଯାଉ। ସ୍ୱାମୀଙ୍କ ଆଶ୍ୱାସନା ବାସନ୍ତୀଙ୍କୁ ନୂଆ ସ୍ୱପ୍ନ ଦେଖାଏ। ହେଲେ ଲାଞ୍ଚ ଦେଇ ନ ପାରିବାରୁ ସୂର୍ଯ୍ୟ ଇଣ୍ଟରଭ୍ୟୁରେ ଫେଲ୍ ହୁଏ। ଶେଷରେ ଜଣେ ବ୍ୟବସାୟୀଙ୍କ ଦୋକାନରେ ସ୍ୱଳ୍ପ ବେତନରେ ଚାକିରି କରେ। ଆଉ ଘରର ପରିସ୍ଥିତି ପାଇଁ ସୂର୍ଯ୍ୟ ବାଧ୍ୟହୋଇ ଅପରାଧ ଦୁନିଆରେ ପାଦ ଥାପି ଜେଲଯାଏ। ଏହା ହିଁ ନାଟକଟିର ମୁଖ୍ୟ ବିଷୟବସ୍ତୁ । ପୁସ୍ତକଟି ନାଟ୍ୟ ସାହିତ୍ୟରେ ରୁଚି ରଖୁଥିବା ଲୋକଙ୍କ ମଧ୍ୟରେ ଆଦୃତି ଲାଭ କରିବ।




### ଓଡ଼ିଶାର ସାଂସ୍କୃତିକ ବିକାଶ ଧାରାରେ ଗଙ୍ଗବଂଶର ଭୂମିକା

**ଡ. ତ୍ରିନାଥ ହୋତା, ପ୍ରକାଶକ- ଲକ୍ଷ୍ମୀ ପ୍ରକାଶନ, ଭୁବନେଶ୍ୱର, ମୂଲ୍ୟ- ୪୫୦ଟଙ୍କା**

ପୁସ୍ତକଟି ପାଣ୍ଡିତ୍ୟପୂର୍ଣ୍ଣ ଭୂମିକା ଉପରେ ପର୍ଯ୍ୟବସିତ। ଏଥିରେ ଯଥାକ୍ରମେ ୪ଟି ଅଧ୍ୟାୟ ରହିଛି। ଗଙ୍ଗବଂଶ ଶାସନ ସମୟରେ ଓଡ଼ିଶାର ସଂସ୍କୃତି କିପରି ବହୁଭାବରେ ବିକଶିତ ହୋଇଥିଲା ସେ ସମ୍ପର୍କରେ ପୁସ୍ତକରେ ବର୍ଣ୍ଣନା କରାଯାଇଛି। ପ୍ରଥମ ଅଧ୍ୟାୟରେ ରାମାୟଣ, ମହାଭାରତ, ପୁରାଣ, ଧର୍ମଶାସ୍ତ୍ର ଆଦିରେ କଳିଙ୍ଗ, ଉତ୍କଳ, କୋଙ୍ଗଦ, କୋଶଳ ଓ ତୋଷଳ ଆଦି ସମ୍ପର୍କରେ ଥିବା ବର୍ଣ୍ଣନାକୁ ଆଧାରକରି ପ୍ରାଚୀନ ଓଡ଼ିଶାର ଇତିହାସ ଓ ଭୂଗୋଳ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଛନ୍ତି। ଦ୍ୱିତୀୟ ଅଧ୍ୟାୟରେ ପ୍ରାକ୍ ଗଙ୍ଗବଂଶ ଓ ଗଙ୍ଗବଂଶ ସାହିତ୍ୟ ସମ୍ପର୍କରେ ଆଲୋଚନା ହୋଇଛି। ଓଡ଼ିଶାର ଭାଷା, ସାହିତ୍ୟ ସମ୍ପର୍କରେ ତୃତୀୟ ଅଧ୍ୟାୟରେ ବିସ୍ତୃତ ଭାବେ ବର୍ଣ୍ଣନା ରହିଛି । ସେହିପରି ଚତୁର୍ଥ ବା ଶେଷ ଅଧ୍ୟାୟରେ ଗଙ୍ଗବଂଶର ରାଜୁତି ସମୟରେ ଓଡ଼ିଶାର ସମାଜ, ପ୍ରଚଳିତ ଧର୍ମ ବ୍ୟବସ୍ଥା, ଶିକ୍ଷା, କଳା ଓ ସଂସ୍କୃତି ସମ୍ପର୍କରେ ଧାରଣା ଦିଆଯାଇଛି। ପୁସ୍ତକଟି ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରାଯାଏ।



# ଚାରିକୋଣିଆ ଗଛ



ବଡ଼ ବଡ଼ ଗଛର ଗଣ୍ଡିଗୁଡିକ ବେଶ୍ ମୋଟା ଓ ଗୋଲାକାର ହୋଇଥାଏ। ଏମିତିରେ ଛୋଟଗଛର ଗଣ୍ଡି ବି ଗୋଲାକାର ହିଁ ହୋଇଥାଏ। ହେଲେ କେବେ କୌଣସି ଗଛର ଗଣ୍ଡି ଚାରିକୋଣିଆ ହୋଇଥିବା ଦେଖିଛନ୍ତି ? ଭାବୁଥିବେ ଗଛର ଗଣ୍ଡି କେବେ କ'ଣ ଚାରିକୋଣିଆ ହୋଇପାରେ ? ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ପାନାମାର ଏଲ୍ ଭେଲ୍ ଗାଁରେ ଅଛି 'ଭ୍ୟାଲୀ ଅଫ୍ ସ୍କୋୟାର ଟ୍ରି'। ଅର୍ଥାତ୍ ଏଠାରେ ଥିବା ସବୁ କପାସ ଗଛଗୁଡିକର ଗଣ୍ଡି ଗୋଲାକାର ନ ହୋଇ ବରଂ ଆଶ୍ଚର୍ଯ୍ୟଜନକଭାବେ ଚାରିକୋଣିଆ ହୋଇଥାଏ। ଏମିତିକି ଗଣ୍ଡି ଭିତରର ବଳୟଗୁଡ଼ିକ ବି ଗୋଲାକାର ନ ହୋଇ ଚାରିକୋଣିଆ ହୋଇଥାଏ। ତେବେ ଏହା କିପରି ସମ୍ଭବ ବୋଲି ଅନେକ ଗବେଷଣା ହୋଇଛି। କିନ୍ତୁ ଜଣାପଡ଼ିନି ଏହା ପଛର କାରଣ। ଫ୍ଲୋରିଡ଼ା ବିଶ୍ୱବିଦ୍ୟାଳୟର ଗବେଷକମାନେ ବି ଏଭଳି ବୃକ୍ଷ ବଢେଇବାକୁ ଚେଷ୍ଟା କରିଥିଲେ। ହେଲେ ସଫଳ ହୋଇପାରିଲେ ନାହିଁ। ଶେଷରେ ସେମାନେ ଉପନୀତ ହେଲେ ଯେ, ଗଛର ଆକାର ସ୍ଥାନୀୟ ପରିବେଶ ଓ ପରିସ୍ଥିତି ଅନୁଯାୟୀ ହୋଇଥାଏ। ଆଉ ଏଭଳି ଚାରିକୋଣିଆ ବୃକ୍ଷ କେବଳ ଏହି ଭ୍ୟାଲୀ ଅଫ୍ ସ୍କୋୟାର ଟ୍ରିରେ ହିଁ ଦେଖିବାକୁ ମିଳିବ। ଆଉ କେଉଁଠି ନୁହେଁ। ପର୍ଯ୍ୟଟକମାନେ ଏଭଳି ଅଜବ ଆକାରର ବୃକ୍ଷ ଦେଖିବାକୁ ଏଠାକୁ ଆସିଥାନ୍ତି।






ବ୍ୟାକ୍ ପେଜ୍

# ବତକ ଫ୍ୟାଶନ ଶୋ'

ଫ୍ୟାଶନ ଶୋ'ରେ ମଡେଲମାନଙ୍କୁ ବିଭିନ୍ନ ପ୍ରକାରର ପୋଷାକ ପିନ୍ଧି ର୍ୟାମ୍ପରେ ଚାଲୁଥିବାର ଦେଖିଥିବେ। ହେଲେ କେବେ ପ୍ରାଣୀମାନଙ୍କର ଫ୍ୟାଶନ ଶୋ' ଦେଖିଛନ୍ତି ? ଖାସ୍ କରି ବତକଙ୍କ ଫ୍ୟାଶନ ଶୋ' ଦେଖିଛନ୍ତି ? ଆଶ୍ଚର୍ଯ୍ୟ ହେଉଥିବେ ସତରେ କ'ଣ ବତକମାନଙ୍କର ପ୍ୟାଶନ ଶୋ' ହୁଏ ? ହଁ, ହୁଏ। ଆଉ ଏହା ପ୍ରତିବର୍ଷ ଅଷ୍ଟ୍ରେଲିଆର ସିଡ୍‌ନୀରେ ଆୟୋଜିତ ହୁଏ। ଯେଉଁଥିରେ ବତକମାନେ ସୁନ୍ଦର ସୁନ୍ଦର ପୋଷାକ, ସହ କ୍ୟାପ, ବିଭିନ୍ନ ଆକର୍ଷକ ଆସେସରିଜ୍ ପିନ୍ଧନ୍ତି। ଆଉ ସେମାନଙ୍କ ପାଇଁ ତିଆରି କରାଯାଇଥିବା ଛୋଟିଆ ର୍ୟାମ୍ପ ଉପରେ ଚାଲନ୍ତି। ମାଈ ବତକମାନେ ୱେଷ୍ଟର୍ନ କ୍ଲାସିକ ତଥା ଭିକ୍ଟୋରିଆନ ଏରାର ପୋଷାକ ପିନ୍ଧି ବହୁତ କ୍ୟୁଟ ଓ ରୟାଲ ଲାଗନ୍ତି। କୁଞ୍ଚ ଥିବା ଗାଉନ୍ ଓ ଡ୍ରେସ୍, ତା'ସାଙ୍ଗକୁ ହ୍ୟାଟ୍ ଭାରି ସୁନ୍ଦର ଦେଖାଯାଏ। ସେହିଭଳି ପୁରୁଷ ବତକମାନଙ୍କ ଲଙ୍ଗକୋଟ, ରଙ୍ଗବେରଙ୍ଗର ଶାର୍ଟ ଓ ହ୍ୟାଟ୍‌ରେ ବେଶ୍ ଆକର୍ଷକ ଲାଗନ୍ତି। ପ୍ରତିବର୍ଷ ପାଳିତ ହେଉଥିବା ସିଡ୍‌ନୀ ରୟାଲ ଇଷ୍ଟର ଶୋ'ର ଏହି ଫ୍ୟାଶନ ଶୋ' ଏକ ଅଂଶ। ୬୦ ବର୍ଷୀୟ ବ୍ରାୟନ ହେରିଂଟନ ନାମକ ଜଣେ କୃଷକ ଏହାକୁ ପ୍ରତିବର୍ଷ ଆୟୋଜନ କରିଥାନ୍ତି। ସେ ଦୀର୍ଘ ୪୦ ବର୍ଷ ହେବ ଏହି ଫ୍ୟାଶନ ଶୋ' ଆୟୋଜନ କରୁଛନ୍ତି। ପ୍ରତିବର୍ଷ ନୂଆ ଫ୍ୟାଶନ ଟ୍ରେଣ୍ଡ ଅନୁସାରେ ବତକଙ୍କ ପାଇଁ ପୋଷାକ ତିଆରି କରାଯାଇଥାଏ। ଏହି ଫ୍ୟାଶନ୍ ଶୋ' ସିଡ଼ନୀ ରୟାଲ ଇଷ୍ଟର ଶୋ'ର ଏକ ପ୍ରମୁଖ ଆକର୍ଷଣ। ବହୁ ସଂଖ୍ୟାରେ ପର୍ଯ୍ୟଟକ ଏହାକୁ ଦେଖିବାକୁ ଆସିଥାନ୍ତି।





# ଅନ୍ଧକାରର ଅନୁଭବ ଦିଏ ଏହି ରେଷ୍ଟୁରାଣ୍ଟ

ଅନେକ ଅଜବ ରେଷ୍ଟୁରାଣ୍ଟ କଥା ଶୁଣିଥିବେ। କେଉଁଠି ରୋବୋ ଖାଦ୍ୟ ପରଷିଲାଣି ତ କେଉଁଠି ମାଙ୍କଡ। ହେଲେ ଆମ ଦେଶର ହାଇଦ୍ରାବାଦ ଓ ବେଙ୍ଗାଲୁରୁରେ ଅଛି ଏମିତି ରେଷ୍ଟୁରାଣ୍ଟ, ଯେଉଁଠି ଗ୍ରାହକ ପାଇବେ ଏମିତି ନିଆରା ଅନୁଭୂତି, ଯାହାକୁ ଆଦୌ ଭୁଲି ପାରିବେ ନାହିଁ। ଆଉ ଏଠାକୁ ଆସିବା ପରେ ଗ୍ରାହକମାନେ ଦୃଷ୍ଟିବାଧିତ ମଣିଷଙ୍କ ଜୀବନର କଷ୍ଟକୁ ଅଙ୍ଗେ ନିଭାଇପାରିବେ। ଉକ୍ତ ରେଷ୍ଟୁରାଣ୍ଟର ନାଁ ହେଉଛି 'ଡାଇଲଗ୍ ଇନ୍ ଦ ଡାର୍କ'। ଏଠି ଗ୍ରାହକଙ୍କୁ ଚାରି କୋର୍ସବାଲା ଭୋଜନ ପରଷାଯାଏ ହେଲେ ସମ୍ପୂର୍ଣ୍ଣ ଅନ୍ଧକାରରେ। ଏଠି ଭୋଜନର ଅନୁଭବ କେବଳ ସ୍ପର୍ଶ, ସ୍ୱାଦ ଓ ଗନ୍ଧ ଦ୍ୱାରା ବାରି ନେଇହେବ। କେବଳ ସେତିକି ନୁହେଁ ଉକ୍ତ ରେଷ୍ଟୁରାଣ୍ଟର ନେତୃତ୍ୱ ଓ ପରିଚାଳନା ଅଧିକାଂଶ ଦୃଷ୍ଟିବାଧିତ ଓ ଭିନ୍ନକ୍ଷମ କର୍ମଚାରୀଙ୍କ ଦ୍ୱାରା କରାଯାଇଥାଏ। ଏଭଳି ଏକ ରେଷ୍ଟୁରାଣ୍ଟ ଖୋଲିବାର ଉଦ୍ଦେଶ୍ୟ ହେଉଛି ଦୃଷ୍ଟିବାଧିତ ଓ ଦିବ୍ୟାଙ୍ଗଙ୍କ ପ୍ରତି ସାଧାରଣ ଲୋକଙ୍କୁ ସମ୍ବେଦନଶୀଳ କରାଇବା। ଆଉ ସେମାନଙ୍କର ଦୈନନ୍ଦିନର ସମସ୍ୟାକୁ ସମସ୍ତଙ୍କୁ ଅବଗତ କରାଇବା।